ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 22 ♦ CUTTACK ♦ WEEKLY ♦ 01 TO 07 - JUNE 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା - ୨୨ ♦ କଟକ ♦ ସାପ୍ତାହିକ ♦ ୦୧ ରୁ ୦୭ - ଜୁନ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

### ଜେଏସ୍‌ଡବ୍ଲ୍ୟୁ ମେଗା ଷ୍ଟିଲ୍ ପ୍ଲାଣ୍ଟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# ୨୦୨୮ ସୁଦ୍ଧା ଉତ୍ପାଦନ ଆରମ୍ଭ

**ଦେଶର ଷ୍ଟିଲ୍ ରାଜଧାନୀ ହେବ ଓଡ଼ିଶା**



**ପାରାଦ୍ୱୀପ(ଏନ୍.ଏମ୍.) :** ପାରାଦ୍ୱୀପର ଏରସମା ଅଞ୍ଚଳରେ ଜେଏସ୍‌ଡବ୍ଲ୍ୟୁର ମେଗା ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ବ୍ଲାଷ୍ଟଫରନେସ୍ ନିର୍ମାଣ କାର୍ଯ୍ୟ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଏହି ଅବସରରେ ପାରାଦୀପର ଢିଙ୍କିଆ ଅଞ୍ଚଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ନେଇଥିବା ପ୍ରକାଶ କରିଛନ୍ତି । ଏହି ପ୍ରକଳ୍ପରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ସମୁଦାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ । ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଣ୍ଟରୁ ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ ହେବ । ତା' ସହ ଏଠାରେ ୧୨ ମିଲିଅନ୍ ଟନର ଏକ ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟର କାପ୍‌ଟିଭ୍ ପାୱାର ସିଷ୍ଟମ୍ ଏବଂ ଏକ ସ୍ୱତନ୍ତ୍ର ଜେଟି ମଧ୍ୟ ନିର୍ମାଣ କରାଯିବ । ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜାପାନର ସହଯୋଗୀ କମ୍ପାନୀ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ କମ୍ପାନୀକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି । ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରତରିଆ ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଫାଷ୍ଟ-ଟ୍ରାକ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯାଇଛି । ପୂର୍ବ ଗତିରେ କାମ ଚାଲିଥିଲେ ଯେଉଁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୮ ମସିହାରେ ଆରମ୍ଭ ହୋଇଥାନ୍ତା, ବର୍ତ୍ତମାନ ତାହା ୨୦୨୮ ସୁଦ୍ଧା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ । ସରକାରଙ୍କ ଏହି ଦ୍ରୁତ କାର୍ଯ୍ୟଶୈଳୀର ଉଦାହରଣ ଦେଇ ସେ ଖୋର୍ଦ୍ଧାର ଟ୍ରାଇମେଟ୍ରୋ ଗାର୍ମେଣ୍ଟସର ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଠାରେ ଶିଳାନ୍ୟାସର ବର୍ଷକ ମଧ୍ୟରେ ଉତ୍ପାଦନ ଆରମ୍ଭ ହୋଇସାରିଛି । ଓଡ଼ିଶାର ବୈଦେଶିକ ଶିଳ୍ପ ଭାଗିଦାରୀକୁ ନେଇ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି । ଜାପାନର ଔରର ଷ୍ଟିଲ୍ ସହଯୋଗରେ ଝାରସୁଗୁଡ଼ାରେ ଚାଲିଥିବା ୩୦ ହଜାର କୋଟି ଟଙ୍କାର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ସେ କହିଥିଲେ, ଜାପାନ ସହ ଆଲୋଚନା ଅନୁଯାୟୀ ଖୁବ୍ ଶୀଘ୍ର ଓଡ଼ିଶା ଏବଂ ଜାପାନର 'ତୋତ୍ତୋରି' ରାଜ୍ୟ ମଧ୍ୟରେ 'ସିଷ୍ଟର ଷ୍ଟେଟ୍' ବା ଭଗିନୀ ରାଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ । ଏହାଦ୍ୱାରା ଓଡ଼ିଶାର ଶିଳ୍ପ, ପର୍ଯ୍ୟଟନ ଏବଂ ଶିକ୍ଷା କ୍ଷେତ୍ରରେ ଜାପାନ ବ୍ୟାପକ ପୁଞ୍ଜି ନିବେଶ କରିବ । କେବଳ ପାରାଦୀପ କିମ୍ବା ଝାରସୁଗୁଡ଼ା ନୁହେଁ, ବରଂ ଢେଙ୍କାନାଳ ଓ କେନ୍ଦୁଝରରେ ମଧ୍ୟ ଖୁବ୍ ଶୀଘ୍ର ନୂତନ ଷ୍ଟିଲ୍ ପ୍ଲାଣ୍ଟମାନ ଗଢ଼ିଉଠିବ ବୋଲି ଶ୍ରୀ ମାଝୀ ସୂଚନା ଦେଇଥିଲେ ।



ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତି ତାଙ୍କ ସରକାରଙ୍କ ସବୁଠୁ ବଡ଼ ଫୋକସ୍ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିଥିଲେ । ଏହି ସମୟ ମଧ୍ୟରେ ସରକାର ୪୩୩ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବର୍ତ୍ତମାନ ସୁଦ୍ଧା ୧୪୮ଟି ପ୍ରକଳ୍ପର ଭୂମିପୂଜା ସରିଛି, ଯାହା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ରାସନକୁ ନେଇ ଆସିଲା ନୂଆ ନିୟମ

## ପାଞ୍ଚ ବର୍ଷରେ ସାର୍ଥକ ପିଡିଏସ୍ ପାଇଁ ଖର୍ଚ୍ଚହେବ ୨୫,୫୩୦ କୋଟି



**ନୂଆଦିଲ୍ଲୀ (ଏଜେନ୍ସି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏହି କ୍ୟାବିନେଟ ନିଷ୍ପତ୍ତି ରାସନ ପାଉଥିବା ୮୦୦ ନିୟୁତ ଲୋକଙ୍କ ଉପରେ ସିଧାସଳଖ ପ୍ରଭାବ ପକାଇବ । ସରକାର ରାସନ ବ୍ୟବସ୍ଥା (ପିଡିଏସ୍ ସାର୍ୱଜନୀନ ବଣ୍ଟନ ବ୍ୟବସ୍ଥା) ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ, 'ସାର୍ଥକ-ପିଡିଏସ୍' ଯୋଜନା ଆରମ୍ଭ କରାଯାଇଛି । ଏହି ସମ୍ପୂର୍ଣ୍ଣ ଯୋଜନାରେ ପ୍ରାୟ ୨୫,୫୩୦ କୋଟି ଖର୍ଚ୍ଚ ହେବ । କେନ୍ଦ୍ର କ୍ୟାବିନେଟ ବୈଠକ ପରେ, ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ସାରା ଦେଶରେ ୮୦୦ ନିୟୁତ ଲୋକଙ୍କୁ ରାସନ ଯୋଗାଇବା ପାଇଁ ଏକ କାର୍ଯ୍ୟକ୍ରମ ବର୍ତ୍ତମାନ ଚାଲିଛି । ଏହି ସାର୍ଥକ-ପିଡିଏସ୍ ଯୋଜନା ଅଧୀନରେ ତିନୋଟି ପ୍ରମୁଖ ପରିବର୍ତ୍ତନ ପ୍ରଚଳନ କରାଯାଇଛି । ଏଥିରେ ରାଜ୍ୟ ସରକାରଙ୍କୁ ସହାୟତା ପ୍ରଦାନ କରିବା, ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବା ଏବଂ ପିଡିଏସ ହିତାଧିକାରୀଙ୍କ ପଞ୍ଜୀକରଣ ପାଇଁ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରିବା ଅନ୍ତର୍ଭୁକ୍ତ । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, "ଭାରତୀୟ ଖାଦ୍ୟ ନିଗମର ବଡ଼ ଗୋଦାମରୁ ବିଭିନ୍ନ ଜିଲ୍ଲା,

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ସୁଧୀର ହତ୍ୟା ମାମଲା

## ରଞ୍ଜନ ଓ ଭିକିଙ୍କୁ ଏନକାଉଣ୍ଟର୍



**ବ୍ରହ୍ମପୁର(ଏନ୍.ଏମ୍.) :** ବ୍ରହ୍ମପୁର ବହୁଚର୍ଚ୍ଚିତ ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ମାମଲାରେ ଫେରାର ଅଭିଯୁକ୍ତ ବଡ଼ଗଡ଼ ଥାନା ଅନ୍ତର୍ଗତ ନଉଗାଁର ରଞ୍ଜନ ମଲ୍ଲିକ(୨୭) ଓ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ସିକିରି ପାଢ଼ୀ ସାହିର ସରୋଜ ପଣ୍ଡା(୩୫)ଙ୍କୁ ପୁଲିସ ଏନକାଉଣ୍ଟର କରିଥିବା ସୂଚନା ମିଳିଛି । ଆହତ ଅଭିଯୁକ୍ତଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ଦୁଇ ଅଭିଯୁକ୍ତ ହତ୍ୟାକାଣ୍ଡ ପରଠାରୁ ଫେରାର ଥିଲେ । କିନ୍ତୁ ରାଜସ୍ଥାନରୁ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସେମାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣୁଥିଲା ପୋଲିସ । କିନ୍ତୁ ରନ୍‌ପୁରରେ ୨ ଅଭିଯୁକ୍ତ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ । ପୋଲିସ ଗୋଡ଼ାଇବା ବେଳେ ସେମାନେ ପୋଲିସ ଉପରକୁ ବୋମାମାଡ଼ ସହ ଆକ୍ରମଣ କରିଥିଲେ । ଯାହାର ଜବାବରେ ପୋଲିସ ପାଲଟା ଗୁଳିଚାଳନା କରିଥିଲା । ରଞ୍ଜନର ଡାହାଣ ଓ ସରୋଜର ବାମ ଗୋଡ଼ରେ ବାଜିଛି ଗୁଳି ।

## ଟ୍ରମ୍ପଙ୍କ ଆବ୍ରାହମ ଚୁକ୍ତି ପ୍ରସ୍ତାବକୁ ପାକିସ୍ତାନର ଝଟକା, କହିଲା ଆମର ଟିକେ ବି ଭରସା ନାହିଁ



**ଇସଲାମାବାଦ(ଏନ୍.ଏମ୍.) :** ସବୁବେଳେ ଆମେରିକାର ଚାଟୁକାରୀ କରି ଆସୁଥିବା ପାକିସ୍ତାନ ଏବେ କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଥା ମାନିବନି ବୋଲି ସଫା ସଫା କହିଦେଇଛି । ଟ୍ରମ୍ପ୍ ପାକିସ୍ତାନ ସମେତ ପାଞ୍ଚଟି ଦେଶକୁ ଆବ୍ରାହମ ଚୁକ୍ତିନାମାରେ ସ୍ୱାକ୍ଷର କରିବାକୁ ଦାବି କରିଥିଲେ । ତେବେ ତାଙ୍କର ଏହି ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ଗ୍ରହଣ କରିନାହାନ୍ତି । ସେ କଡ଼ା ଜବାବ ଦେଇଛନ୍ତି । ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା କୂଟନୈତିକ ଚ୍ୟାଲେଞ୍ଜ ପରେ, ପାକିସ୍ତାନ ଆବ୍ରାହମ ଚୁକ୍ତିରେ ପୁନର୍ବାର ଯୋଗଦାନ ଏବଂ ଇସ୍ରାଏଲକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦେବା ପାଇଁ ଆମେରିକୀୟ ଚାପକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଛି । ଟ୍ରମ୍ପଙ୍କ ପ୍ରସ୍ତାବକୁ ବିରୋଧ କରି, ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ୍ ଏହା 'ମୌଳିକ ନୀତି ବିରୋଧି' ଏବଂ ସ୍ୱୀକାର ଯୋଗ୍ୟ ନୁହେଁ ।'

ଟ୍ରମ୍ପ କହିଛନ୍ତି ଯେ ଇରାନ ସହିତ ଆଲୋଚନାରେ ସାମିଲ ଥିବା ମୁସଲିମ ଦେଶମାନେ ଇବ୍ରାହିମ ଚୁକ୍ତିରେ ସ୍ୱାକ୍ଷର କରିବା ଉଚିତ । ୟୁଏଇ ଏବଂ ବାହାରିନ ପୂର୍ବରୁ ଏହି ଚୁକ୍ତିର ସଦସ୍ୟ । ସାଉଦି ଆରବ, କତାର, ପାକିସ୍ତାନ, ତୁର୍କୀ, ଇଜିପ୍ଟ ଏବଂ ଜୋର୍ଡାନ ମଧ୍ୟ ସ୍ୱାକ୍ଷର କରିବେ ବୋଲି ଆଶା କରାଯାଉଛି । ଏହି ଚୁକ୍ତି ଇସ୍ରାଏଲ ଏବଂ ଆରବ ଦେଶ ମଧ୍ୟରେ କୂଟନୈତିକ, ଆର୍ଥିକ ଏବଂ ସୁରକ୍ଷା ସମ୍ପର୍କ ସ୍ଥାପନ କରେ । ତେବେ ଟ୍ରମ୍ପଙ୍କ ଏହି ଆଶାକୁ ନିରାଶ କରିଛି ପାକିସ୍ତନା । ଖୱାଜା ଆସିଫ କହିଛନ୍ତି, ସେ ଇସ୍ରାଏଲ ସହିତ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ମାଆର ଶବକୁ କାନ୍ଧ ଦେଲେନି ଜନ୍ମିତ ପୁଅ, ୧୦ ଘଣ୍ଟା ପରେ ପୁଲିସ କଲା ଶବ ସତ୍କାର



**ବାଲେଶ୍ୱର(ଏନ୍.ଏମ୍.) :** ଭାଇ ଭାଇ ମଧ୍ୟରେ ଜମି ବିବାଦକୁ ନେଇ ମୃତ ମାଆର ଶବକୁ କାନ୍ଧ ଦେଲେନି ଜନ୍ମିତ ପୁଅ । ୧୦ ଘଣ୍ଟା ପରେ ପୁଲିସ ପହଞ୍ଚି କଲା ଶବ ସତ୍କାର । ଏଭଳି ଘଟଣା ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ସନ୍ତୋଷପୁର ପଞ୍ଚାୟତ ଲୋକନାଥପୁର ଗ୍ରାମରୁ ସାମ୍ନାକୁ ଆସିଛି ।

ସୂଚନା ମୁତାବକ, ଗ୍ରାମର ସ୍ୱର୍ଗତ ବଂଶୀଧର ଦାସଙ୍କ ପତ୍ନୀ ତୁଳସୀ ଦାସଙ୍କ ତିନିଜଣ ପୁଅ ଅଛନ୍ତି । ପୂର୍ବରୁ ବଡ଼ ପୁଅ ନିଖୋଜ ଥିବା ବେଳେ ମଝିଆ ପୁଅ ନିକଟରେ ବାପା ବଂଶୀଧରଙ୍କ ମୃତ୍ୟୁ ଘଟିଥିଲା । ପରେ ତୁଳସୀ ସାନପୁଅ ରାକେଶ ଦାସଙ୍କ ନିକଟରେ ରହିଥିଲେ । ହେଲେ ଗତ ମଙ୍ଗଳବାର ଦିନ ୧୦.୨୫ ମିନିଟ ସମୟରେ ତୁଳସୀଙ୍କ ମୃତ ହୋଇଥିଲା । ତେବେ ପୂର୍ବରୁ ଜମି ବିବାଦ ଓ ପାରିବାରିକ କଳହକୁ କେନ୍ଦ୍ର କରି ଭାଇ ଭାଇ ମଧ୍ୟରେ ମତାନ୍ତର ମନାନ୍ତର ରହିଥିଲା । ରାକେଶ ନଦୀ ଘାଟରେ ଅନ୍ତେଷ୍ଟି କ୍ରିୟା କରିବାକୁ କହୁଥିବା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କ ସ୍ୱୀକାରୋକ୍ତି ମୋ' ପୂର୍ବ ପୁରୁଷ ହିନ୍ଦୁ ଦେଶରେ ପିଲାଙ୍କୁ 'ଭୁଲ ଇତିହାସ' ପଢ଼ାଯାଉଛି



**ନୂଆଦିଲ୍ଲୀ (ଏନ୍.ଏମ୍.) :** ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ଏପରି ବୟାନ ଦେଇଛନ୍ତି ଯାହା ପାକିସ୍ତାନରେ ପରିଚୟ ଏବଂ ଇତିହାସକୁ ନେଇ ନୂତନ ବିତର୍କ ଆରମ୍ଭ କରିଛି । ଆସିଫ୍ ଖୋଲାଖୋଲି ଭାବରେ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନୀ ପିଲାମାନଙ୍କୁ 'ଭୁଲ ଇତିହାସ' ପଢ଼ାଯାଉଛି ଏବଂ ଦେଶର ଲୋକେ ସେମାନଙ୍କର ପ୍ରକୃତ ମୂଳଠାରୁ ବିଚ୍ଛିନ୍ନ ହେଉଛନ୍ତି । ଏକ ସାକ୍ଷାତକାରରେ ଖ୍ୱାଜା ଆସିଫ୍ କହିଛନ୍ତି, ଆମେ ପାକିସ୍ତାନୀ ମୁସଲମାନ ନିଜର ହିନ୍ଦୁ ପୂର୍ବ ପୁରୁଷଙ୍କୁ ଘୃଣା କରୁ । ପାକିସ୍ତାନର ଅଧା ଲୋକ ମିଛ ଦାବି କରିନ୍ତି ଯେ, ତାଙ୍କର ପୂର୍ବଜ ସାଉଦି ଆରବ କିମ୍ବା ଇରାନରୁ ଆସିଛନ୍ତି । ଏହା ଭାବି ଚିନ୍ତି ପ୍ରସ୍ତୁତ କରାଯାଇଛି, ଯାହଫଳରେ ପାକିସ୍ତାନର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ଲୋପ ପାଇଆସିଲାଣି ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ

# ବିପଦରେ ଛୋଟ ପକ୍ଷୀ, ଚିନ୍ତାରେ ପରିବେଶପ୍ରେମୀ



**ବାଙ୍ଗିରିପୋଷି (ଏନ୍.ଏମ୍.) :** ଶିମିଳିପାଳ ପାଦଦେଶରେ ଅବସ୍ଥିତ ମୟୁରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଅଞ୍ଚଳ ପ୍ରକୃତିର ସୌନ୍ଦର୍ଯ୍ୟ ଓ ପକ୍ଷୀମାନଙ୍କ ମଧୁର କୁହୁକୁହୁ ସ୍ୱର ପାଇଁ ଏକ ସମୟରେ ବହୁତ ପରିଚିତ ଥିଲା । ପ୍ରତ୍ୟେକ ସକାଳରେ ଚଢେଇ, ଶାଳିକା, କୋଇଲି, ଟିଆ ଓ ବିଭିନ୍ନ ଛୋଟ ପକ୍ଷୀଙ୍କ କିଚିର କିଚିର ଶବ୍ଦରେ ଗାଁ ଓ ସହର ମୁଖରିତ ହୋଇଯାଉଥିଲା । ଘର ଆଗରେ, ଗଛ ଡାଳରେ ଓ କ୍ଷେତ ମଝିରେ ପକ୍ଷୀମାନଙ୍କ ଚଳଚଞ୍ଚଳ ଉପସ୍ଥିତି ଲୋକମାନଙ୍କୁ ପ୍ରକୃତି ସହ ଯୋଡି ରଖୁଥିଲା । କିନ୍ତୁ ସମୟ ପରିବର୍ତ୍ତନ ସହ ଧୀରେଧୀରେ ସେହି ମନୋରମ ଦୃଶ୍ୟ ଓ ମଧୁର ଶବ୍ଦ ଲୋପ ପାଇବାକୁ ବସିଲାଣି । ବର୍ତ୍ତମାନ ସକାଳ ସମୟରେ ପୂର୍ବଭଳି ପକ୍ଷୀମାନଙ୍କ ଡାକ ଶୁଣିବାକୁ ମିଳୁନାହିଁ । ବିଶେଷକରି ଚଢେଇ ପରି ଛୋଟ ପକ୍ଷୀମାନେ ଏବେ ଅତ୍ୟନ୍ତ କମ୍ ଦେଖାଯାଉଛନ୍ତି । ଏହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଉଛି । ପରିବେଶ ବିଦ୍‌ମାନଙ୍କ ମତାନୁସାରେ, ଅତ୍ୟଧିକ ଗଛକାଟ, ଜଙ୍ଗଲ ଧ୍ୱଂସ, ଦିନକୁ ଦିନ ବଢୁଥିବା ମୋବାଇଲ ଟାୱାର, କୃଷିକ୍ଷେତ୍ରରେ କୀଟନାଶକ ଔଷଧର ଅତ୍ୟଧିକ ବ୍ୟବହାର ଓ ସହରୀକରଣ ପକ୍ଷୀମାନଙ୍କ ପାଇଁ ଗଭୀର ସଙ୍କଟ ସୃଷ୍ଟି କରୁଛି । ପକ୍ଷୀମାନେ ବାସ କରିବା ପାଇଁ ଯଥେଷ୍ଟ ଗଛ ଓ ସୁରକ୍ଷିତ ପରିବେଶ ନପାଇ ଧୀରେଧୀରେ ଏହି ଅଞ୍ଚଳ ଛାଡ଼ି ଯାଉଛନ୍ତି । ସ୍ଥାନୀୟ ବୃଦ୍ଧମାନେ କହିଛନ୍ତି ଯେ, ପୂର୍ବରୁ ସକାଳେ ଘର ଆଗରେ ଧାନ କିମ୍ବା ଚାଉଳ ପକାଇଲେ ଅନେକ ପକ୍ଷୀ ଆସି ଭିଡ଼ ଲଗାଉଥିଲେ । ଛୋଟ ଛୋଟ ପିଲାମାନେ ପକ୍ଷୀଙ୍କ ଡାକ ଶୁଣି ଆନନ୍ଦିତ ହୁଅଥିଲେ । କିନ୍ତୁ ଏବେ ସେହି ଦୃଶ୍ୟ ପ୍ରାୟ ଅଦୃଶ୍ୟ ହୋଇଯାଇଛି । କେତେକ ଅଞ୍ଚଳରେ ଦିନଭରି ମଧ୍ୟ ଗୋଟିଏ ଚଢେଇ ଦେଖିବାକୁ ମିଳୁନାହିଁ ।

ପରିବେଶ ସୁରକ୍ଷା ପାଇଁ ଅଧିକ ଗଛରୋପଣ, ଜଙ୍ଗଲ ସୁରକ୍ଷା ଓ କୀଟନାଶକ ବ୍ୟବହାର କମାଇବାକୁ ପରିବେଶ ପ୍ରେମୀମାନେ ଆହ୍ୱାନ କରିଛନ୍ତି । ଘର ଆଗରେ ପକ୍ଷୀମାନଙ୍କ ପାଇଁ ପାଣି ଓ ଖାଦ୍ୟ ବ୍ୟବସ୍ଥା କରିବା ସହ ପ୍ରାକୃତିକ ପରିବେଶକୁ ସୁରକ୍ଷିତ ରଖିଲେ ପୁଣିଥରେ ପକ୍ଷୀମାନଙ୍କ କିଚିର କିଚିର ଶବ୍ଦରେ ପରିବେଶ ମୁଖରିତ ହେବ ବୋଲି ସଚେତନ ମହଲରେ ମତ ପ୍ରକାଶ ପାଇଛି । ପ୍ରକୃତି ଓ ପକ୍ଷୀମାନଙ୍କ ସୁରକ୍ଷା କେବଳ ପରିବେଶ ପାଇଁ ନୁହେଁ, ଆଗାମୀ ପିଢ଼ୀଙ୍କ ସୁନ୍ଦର ଭବିଷ୍ୟତ ପାଇଁ ମଧ୍ୟ ଅତ୍ୟନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

## ଗରିବ ପିଲାଙ୍କ ପାଇଁ ଆଲୋକବର୍ତ୍ତିକା ଆଦିବାସୀ ଦମ୍ପତି

### ୧୪ ବର୍ଷ ଧରି ପିଲାଙ୍କୁ ଦେଉଛନ୍ତି ଶିକ୍ଷାଦାନ





**ବାଲେଶ୍ୱର(ଏନ୍.ଏମ୍.) :** ଯେଉଁଠି ଶିକ୍ଷାକୁ ନେଇ ଅଭିଭାବକମାନେ ଯତ୍ନଶୀଳ ନଥିଲେ, ସେଠାରେ ସେମାନେ ଛୋଟ ଛୋଟ ପିଲାଙ୍କୁ ଶିକ୍ଷିତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏଥିପାଇଁ ସେମାନେ ସରକାରୀ ଚାକିରି ପଛରେ ନଗୋଡ଼ାଇ ମାଗଣାରେ ଆଦିବାସୀ ପିଲାଙ୍କୁ ପାଠ ପଢ଼ାଇବାକୁ ସ୍ୱପ୍ନ ଦେଖିଥିଲେ । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କୁ ଅକ୍ଳାନ୍ତ କରିବାକୁ ପଡ଼ିଥିଲା । ଶେଷରେ ସେମାନେ ନିଜ ସ୍ୱପ୍ନକୁ ସାକାର କରିଛନ୍ତି । ସେମାନଙ୍କ ପାଇଁ ସ୍ଥାନୀୟ ଅଞ୍ଚଳର ଆଦିବାସୀ ପିଲା ଶିକ୍ଷା ପ୍ରତି ଆକୃଷ୍ଟ ହେଉଛନ୍ତି । ଆଦିବାସୀ ପିଲାଙ୍କ ପାଇଁ ଶିକ୍ଷାର ଆଲୋକବର୍ତ୍ତିକା ସାଜିଥିବା ଏହି ଦମ୍ପତି ହେଉଛନ୍ତି ସଦର ବ୍ଲକ ଅନ୍ତର୍ଗତ ଶ୍ରୀକୋଣା ଗ୍ରାମର କାନ୍ଦନ ହାଁସଦା (୩୪) ଓ ରାଇମଣୀ ହାଁସ୍‌ଦା (୩୦) । କାନ୍ଦନ କଳାରେ ସ୍ନାତକ ରାଇମଣୀ ଆଇଟିଆଇ କରିଛନ୍ତି । ଏହି ଶିକ୍ଷିତ ଦମ୍ପତି ନିଜ ଗ୍ରାମରେ ଥିବା ଶିକ୍ଷାନୁଷ୍ଠାନରେ ନିଜ ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳର ଛୋଟ ଛୋଟ ପିଲାଙ୍କୁ ଦୀର୍ଘ ୧୪ ବର୍ଷ ଧରି ମାଗଣାରେ ପ୍ରାଥମିକ ଶିକ୍ଷା ଦେଇ ଆସୁଛନ୍ତି । ଏହା ଉପରେ ସୂଚନା ଦେଇ କାନ୍ଦନ କହନ୍ତି ସଚେତନତା ଅଭାବରୁ ଆମ ଗାଆଁ ସମେତ ଆଖପାଖ ଅଞ୍ଚଳର ଆଦିବାସୀ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଫିଲ୍ମ ରିଲିଜ୍ ପୂର୍ବରୁ ପୁଣି ଟ୍ରୋଲ୍ ହେଲେ ବରୁଣ ଧାୱନ୍

**ନୂଆଦିଲ୍ଲୀ(ଏଜେନ୍ସି):** ଏବେ ଚର୍ଚ୍ଚାରେ ରହିଛି ବଲିଉଡ । କେତେବେଳେ ବିଭିନ୍ନ ଚଳଚ୍ଚିତ୍ରର କାହାଣୀକୁ ନେଇ ଚର୍ଚ୍ଚା ହେଉଛି ତ ଆଉ କେତେବେଳେ ବିଭିନ୍ନ ଗୀତ । ତାହାରି ଭିତରେ ଏବେ ଅଧିକ ଚର୍ଚ୍ଚାକୁ ଆସୁଛି ଏହିସବୁ ଚଳଚ୍ଚିତ୍ରରେ ଅଭିନୟ କରୁଥିବା କଳାକାରକୁ ନେଇ । ବ୍ୟକ୍ତିଗତ ଜୀବନୀକୁ ନେଇ କିଏ ଚର୍ଚ୍ଚିତ ହେଉଥିବାବେଳେ ଆଉକିଏ ଅଭିନୟ ଦୁନିଆର ବିଭିନ୍ନ ଚରିତ୍ରକୁ ନେଇ ଚର୍ଚ୍ଚାରେ ରହୁଛି । କେବଳ ସେତିକି ନୁହେଁ ବିଭିନ୍ନ ଚଳଚ୍ଚିତ୍ରର ଗୀତକୁ ନେଇ ଅଭିନେତା ଏବେ ଟ୍ରୋଲର ଶିକାର ହେଉଥିବା ଜଣାପଡ଼ିଛି ।



ସେହିଭଳି ବଲିଉଡ ଅଭିନେତା ବରୁଣ ଧାୱନଙ୍କ ଅପକମିଙ୍ଗ ଫିଲ୍ମ 'ହେ ଜୱାନୀ ତୋ ଇସ୍କ ହେନା ହେ' ପାଇଁ ଚର୍ଚ୍ଚାରେ ରହିଛନ୍ତି । ନିକଟରେଏହି ଫିଲ୍ମର ଟ୍ରେଲର ରିଲିଜ୍ ହୋଇଥିଲା । ଯାହାକୁ ନେଇ ୟୁଜର୍ସମାନେ ବରୁଣ ଧାୱନଙ୍କୁ ଟ୍ରୋଲ କରିଥିଲେ । ଆଉ ଏବେ ଫିଲ୍ମର ଏକ ଗୀତ ରିଲିଜ ହୋଇଥିବାବେଳେଏହାକୁ ନେଇ ମଧ୍ୟ ୟୁଜର୍ସମାନେ ଟ୍ରୋଲ କରିବା ଆରମ୍ଭ କରିଛନ୍ତି । ଡେଭିଡ୍ ଧାୱନ ଏହି ଫିଲ୍ମର ଡାଇରେକ୍ସନ ଦେଉଥିବାବେଳେ ବରୁଣଙ୍କ ସହ ଅଛନ୍ତି ମୃଣାଳ ଠାକୁର । ତେବେଚନର ଚୁନର ଗୀତ ରିଲିଜ୍ ହୋଇଥିବାବେଳେ ଏହାକୁ ଟ୍ରୋଲ କରାଯାଇଛି । କାରଣ ଏହି ଗୀତଟି ରିମେକ କରାଯାଇଛି । ୧୯୯୯ରେ ରିଲିଜ୍ ହୋଇଥିବା ବିୱି ନମ୍ବର-୧ ଫିଲ୍ମର ଗୀତକୁ ରିମେକ୍ କରାଯାଇଛି । ପୁରୁଣା ଗୀତରେ ସଲମାନ ଏବଂ ସୁସ୍ମିତା ନଜର ଆସିଥିଲେ । ଏହି ଗୀତଟି ବେଶ ହିଟ୍ ହୋଇଥିଲା । ମାତ୍ର ଏବେ ଏହାର ରିମେକ୍ କରାଯାଇଥିବା ବେଳେ ଟ୍ରୋଲର ଶିକାର ହେବାକୁ ପଡ଼ିଛି ।ଅନେକ ୟୁଜର୍ସ ଏହି ଗୀତକୁ ନେଇ ଭିନ୍ନ ଭିନ୍ନ କମେଣ୍ଟମାନ ଦେଉଛନ୍ତି । ଜଣେ ୟୁଜର ଲେଖିଛନ୍ତି, 'ଏହାକୁ ନଷ୍ଟ କରିବା ପାଇଁ ବହୁତ ପରିଶ୍ରମ କରିବାକୁ ପଡିଥିବ ।' ଅନ୍ୟ ଜଣେ ୟୁଜର ଲେଖିଛନ୍ତି, 'ଓଜି ଗୀତକୁ କାହିଁକି ନଷ୍ଟ କଲେ ?' ଅନ୍ୟ ଜଣେ ୟୁଜର ପଚାରିଲେ, 'ଏହି ଗୀତକୁ ପୁନଃନିର୍ମାଣ କରିବା ଆବଶ୍ୟକତା କାହିଁକି ଥିଲା ?'

# ଧର୍ମେନ୍ଦ୍ରଙ୍କ ଲାଗି 'ପଦ୍ମ ବିଭୂଷଣ' ସମ୍ମାନ ନେବାବେଳେ ଇମୋଶନାଲ ହୋଇପଡ଼ିଲେ ପତ୍ନୀ ହେମାମାଳିନୀ

**ମୁମ୍ବାଇ(ଏଜେନ୍ସି) :** ଭେଟରାନ ଅଭିନେତା ଧର୍ମେନ୍ଦ୍ର ଏବେ ଏହି ଦୁନିଆରେ ନାହାନ୍ତି । ତାଙ୍କର ଗତ ୨୪ ନଭେମ୍ବର ୨୦୨୫ରେ ନିଧନ ହୋଇଥିଲା । ଧର୍ମେନ୍ଦ୍ରଙ୍କୁ ମରଣୋତ୍ତର 'ପଦ୍ମ ବିଭୂଷଣ'ରେ ସମ୍ମାନୀତ କରାଯାଇଛି । ଅଭିନେତ୍ରୀ ଏବଂ ତାଙ୍କ ସ୍ତ୍ରୀ ହେମା ମାଳିନୀ ଏହି ଆୱାର୍ଡ଼ ଗ୍ରହଣ କରିଛନ୍ତି । ହେମା ମାଳିନୀ ସୋସିଆଲ ମିଡ଼ିଆରେ ପୋଷ୍ଟ ସେୟାର କରିଛନ୍ତି ଏବଂ କହିଛନ୍ତି କି ସେ କେତେ ଖୁସି ଅଛନ୍ତି କେତେ ଗର୍ବ ଅନୁଭବ କରୁଛନ୍ତି । ହେମା ମାଳିନୀ ପୋଷ୍ଟ କରି ଲେଖିଛନ୍ତି କି, ବହୁତ ଖୁସିର ମୁହୂର୍ତ୍ତ ଥିଲା । ଗୋଟିଏ ମୁହୂର୍ତ୍ତ ଯେତେବେଳେ ମୁଁ ନିଜ ସ୍ୱାମୀ ଧରମ ଜୀଙ୍କ ଉପସ୍ଥିତି କରିଥିଲି, ଏଭଳି ଲାଗୁଥିଲା କି ସେ



ମୋ ହାତ ଧରିଥିଲେ ଏବଂ ମୋତେ ସେହି ମଞ୍ଚ ଆଡ଼କୁ ନେଇ ଯାଉଛନ୍ତି ଯେଉଁଠାରେ ପଦ୍ମ ବିଭୂଷଣ ସମ୍ମାନ ତାଙ୍କୁ ଅପେକ୍ଷା କରିଥିଲା । ଗତକାଲି ପଦ୍ମ ଆୱାର୍ଡ଼ କାର୍ଯ୍ୟକ୍ରମ ହୋଇଥିଲା । ଆମ ରାଷ୍ଟ୍ରପତି ନିଜେ ସମସ୍ତଙ୍କୁ ପଦ୍ମ ଆୱାର୍ଡ଼ ଦେଇଥିଲେ । ମୁଁ ସେଠାରେ ଧରମ ଜୀଙ୍କ ତରଫରୁ ଥିଲି ଏବଂ ମୋତେ ବହୁତ ଖୁସି ଅନୁଭବ ହେଉଥିଲା । ହେମା ମାଳିନୀ ଆହୁରି ଲେଖିଛନ୍ତି, 'ତାଙ୍କ ସହ ବିତାଇଥିବା ବର୍ଷ ଗୁଡ଼ିକର ସ୍ମୃତି, ପ୍ରଥମେ ସହ-ଅଭିନେତା ଭାବେ, ଆମେ ଏକାଠି ଅନେକ ହିଟ୍ ଫିଲ୍ମ ଦେଇଥିଲୁ । ପରେ ଜୀବନ ସାଥୀ ଭାବେ । ସେ ଜଣେ ପ୍ରେମୀ, ଯତ୍ନବାନ ସ୍ୱାମୀ ଏବଂ ଜଣେ ଭଲ ବାପା ଏବଂ ଜେଜେବାପା ଥିଲେ । ଜଣେ ପ୍ରିୟ ବନ୍ଧୁ, ଜଣେ ପ୍ରକୃତ ଦାର୍ଶନିକ ଏବଂ ଜଣେ ବିଶ୍ୱସ୍ତ ମାର୍ଗଦର୍ଶକ ଥିଲେ । ଧରମ ଜୀଙ୍କର ଅନେକ ଗୁଣ ଥିଲା । ସେ ଜଣେ ଦୟାଳୁ, ଭଲ ମଣିଷ ଏବଂ ତାଙ୍କୁ ଜାଣିଥିବା ସମସ୍ତଙ୍କୁ ଭଲ ପାଉଥିଲେ । ମୁଁ ମୋର ସମଗ୍ର ପରିବାର ଏବଂ କୋଟି କୋଟି ପ୍ରଶଂସକଙ୍କ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରୁଛି । ମୁଁ ଭଗବାନଙ୍କୁ ଧନ୍ୟବାଦ ଦେଉଛି ଯେ ମୋତେ ଏତେ ସୁନ୍ଦର ସାଥୀ, ଏତେ ସୁନ୍ଦର ସ୍ମୃତି ଦେଇଛନ୍ତି ଯାହାକୁ ମୁଁ ମୋର ମୃତ୍ୟୁ ପର୍ଯ୍ୟନ୍ତ ସଜାଇ ରଖିବି । ମୁଁ ବହୁତ ଖୁସି ଅଛି ।'

# 'ଡନ୍-୩' ଛାଡିବା ରଣବୀରଙ୍କୁ ପଡ଼ିଲା ମହଙ୍ଗା, ଫିଲ୍ମ ଇଣ୍ଡଷ୍ଟ୍ରିରୁ ବ୍ୟାନ୍ କଲା ଏଫଡବ୍ଲ୍ୟୁଆଇସିଇ

**ନୂଆଦିଲ୍ଲୀ (ଏନ୍.ଏମ୍.):** ବଲିଉଡର ସବୁଠୁ ଚର୍ଚ୍ଚିତ ଅଭିନେତା ରଣବୀର ସିଂହଙ୍କ ବିରୋଧରେ ଫେଡେରେସନ୍ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପଲଇ (ଏଫଡବ୍ଲ୍ୟୁଆଇସିଇ) ଏକ ବଡ଼ ପଦକ୍ଷେପ ନେଇଛି । ଏଫଡବ୍ଲ୍ୟୁଆଇସିଇ ତାଙ୍କୁ ନିଷିଦ୍ଧ ଘୋଷଣା କରିଛି । ତାଙ୍କ ବିରୋଧରେ ନନ୍-କୋଅପରେସନ୍ ଡାଇରେକ୍ଟିଭ ଜାରି କରିଛି । ଏହା ଜରିଆରେ ରଣବୀରଙ୍କ ସହ କାମ ନକରିବାକୁ ଫିଲ୍ମ ଇଣ୍ଡଷ୍ଟ୍ରିକୁ କହିଛି । ଫରହାନ ଅଖତରଙ୍କ ଫିଲ୍ମ 'ଡନ୍-୩' ସୁଟିଂର କିଛି ଦିନ ପୂର୍ବରୁ ରଣବୀର ହଠାତ୍ ଫିଲ୍ମ ଛାଡ଼ିବାକୁ ଘୋଷଣା କରିବା ପରେ ଏହି ସ୍ଥିତି ଉପୁଜିଛି । ଫରହାନ ଅଖତର ଓ ରଣବୀର ସିଂହଙ୍କ ମଧ୍ୟରେ ଚାଲିଥିବା 'ଡନ୍-୩' ବିବାଦକୁ ନେଇ ଏଫଡବ୍ଲ୍ୟୁଆଇସିଇ ମଧ୍ୟସ୍ଥତାରେ ସାମିଲ ହୋଇଥିଲା । 'ଡନ୍-୩' ଆରମ୍ଭରୁ ବିଳମ୍ବର ସମ୍ମୁଖୀନ ହେଉଥିଲା ଏବଂ



ଯେ ରଣବୀର ପ୍ରୋଜେକ୍ଟ ସୁଟିଂର ୧୦ ଦିନ ପୂର୍ବରୁ ଛାଡ଼ିଲେ । କିନ୍ତୁ ରଣବୀର କହିଲେ, ଫରହାନଙ୍କ ତରଫରୁ ଖୁବ୍ ବିଳମ୍ବ ହେଉଥିଲା । ଏଥିସହ ସେ କାହାଣୀକୁ ନେଇ ମଧ୍ୟ ଖୁସି ନଥିଲେ । ଫିଲ୍ମ ଛାଡ଼ିବା ପରେ ଫରହାନ ରଣବୀରଙ୍କୁ ୪୦ କୋଟି ଟଙ୍କା କ୍ଷତିପୂରଣ ଦାବି କରିଥିଲେ, ଯାହା ସେ ଅଦ୍ୟାବଧି ଦେଇନାହାନ୍ତି । ତେବେ ଏ ମାମଲାରେ ରଣବୀରଙ୍କ ଔପଚାରିକ ବୟାନ ସାମ୍ନାକୁ ଆସିଛି । ତାଙ୍କ ପ୍ରବକ୍ତା କହିଛନ୍ତି, ରଣବୀର ଫିଲ୍ମ ଇଣ୍ଡଷ୍ଟ୍ରି ଓ 'ଡନ୍' ଫ୍ରାଞ୍ଚାଇଜି ସହ ଜଡ଼ିତ ସମସ୍ତଙ୍କୁ ସମ୍ମାନ ଦିଅନ୍ତି । 'ଡନ୍-୩' ଘଟଣାକ୍ରମକୁ ନେଇ ରଣବୀର ଚୁପ୍ ରହିଛନ୍ତି, କାରଣ ତାଙ୍କର ବିଶ୍ୱାସ ଯେ ବୃତ୍ତିଗତ ମାମଲା ଓ ବ୍ୟକ୍ତିଗତ

ଆଗଧାଡ଼ିର ଷ୍ଟାରଙ୍କ କାଷ୍ଟିଂ ଯୋଗୁ ଚର୍ଚ୍ଚାରେ ରହିଥିଲା । ରଣବୀରଙ୍କ ପୂର୍ବରୁ କିଆରା ଆଡ଼ଭାନି ଗର୍ଭାବସ୍ଥା ଯୋଗୁ ଫିଲ୍ମ ଛାଡ଼ିଥିଲେ । 'ଧୁରନ୍ଧର' ଭଳି ମେଗା-ବ୍ଲକବଷ୍ଟର ଫିଲ୍ମ ପରେ ରଣବୀର ହଠାତ୍ 'ଡନ୍-୩' ଛାଡ଼ିବାରୁ ନିର୍ମାତାଙ୍କର ବଡ଼ କ୍ଷତି ହେଲା । ଫରହାନ ଅଖତର ଓ ରିତେଶ ସିଦ୍ଧୱାନି ଦାବି କଲେ ସମ୍ପର୍କକୁ ଗରିମା, ବୁଦ୍ଧିବିଚାର ଓ ପରସ୍ପର ସମ୍ମାନର ସହ ସମ୍ଭାଳିବା ଉଚିତ୍ । କିଛି ଦିନ ହେଲା ଅନେକ କଥା ଓ ଗୁଜବ ଶୁଣିବାକୁ ମିଳୁଛି, କିନ୍ତୁ ରଣବୀର କଦାପି ସର୍ବସାଧାରଣରେ ପ୍ରତିକ୍ରିୟା ଦେବା ଜରୁରି ମନେ କରିନାହାନ୍ତି । ନିଜ କାମ ଓ ଆଗାମୀ ପ୍ରୋଜେକ୍ଟ ଉପରେ ତାଙ୍କର ପୂରା ଧ୍ୟାନ ରହିଛି ।

# ବିବାହର ୧୦ ବର୍ଷ ପରେ ମାଆ ହେଲେ ଦିବ୍ୟାଙ୍କା, ଯାଆଁଳା ଶିଶୁ ପୁତ୍ରଙ୍କୁ ଦେଲେ ଜନ୍ମ

**ମୁମ୍ବାଇ(ଏଜେନ୍ସି):** ମାଆ ହେଲେ ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ ତଥା 'ୟେ ହୈ ମୋହବତେଁ'ର ଇଶି ମା' । ଦିବ୍ୟାଙ୍କା ତ୍ରିପାଠୀ ଓ ସ୍ୱାମୀ ବିବେକ ଦହିୟା ଆଜି ଯାଆଁଳା ଶିଶୁଙ୍କ ପିତାମାତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । କପଲ୍ ସୋସିଆଲ ମିଡିଆ ପୋଷ୍ଟରେ ଏନେଇ ପୋଷ୍ଟ କରିଥିବା ବେଳେ ଫ୍ୟାନ୍ସଙ୍କ ସହ ନିଜର ଖୁସି ମୁହୂର୍ତ୍ତକୁ ସେୟାର କରିଛନ୍ତି । କପଲ୍ ପୋଷ୍ଟରେ ଲେଖିଛନ୍ତି ଯେ, ଆମେ ଭଗବାନଙ୍କୁ ଖୁସି ମାଗିଥିଲୁ, କିନ୍ତୁ ଭଗବାନ ଆମକୁ ଡବଲ୍ ଖୁସି ଦେଇଛନ୍ତି । ଅଭିନେତ୍ରୀ ଦିବ୍ୟାଙ୍କା ତ୍ରିପାଠୀ ଦୁଇଟି ଯାଆଁଳା ଶିଶୁପୁତ୍ରଙ୍କୁ ଜନ୍ମ ଦେଇଛନ୍ତି । ଏ ନେଇ ସେ ନିଜ ଇନଷ୍ଟାଗ୍ରାମ ପୋଷ୍ଟରେ ଲେଖିଛନ୍ତି, 'ଶେଷରେ ଅପେକ୍ଷାର ଅନ୍ତ ଘଟିଛି । ଦୁଇଟି ଶିଶୁପୁତ୍ର ଆମ ଘରକୁ ଆସିଛନ୍ତି । ଏବେଠୁ ଜୀବନଟା ଅତି ସୁନ୍ଦର ଲାଗିଲାଣି, ଯାହାକୁ ଆମେ କେବେ ବି କଳ୍ପନା ବି କରିନଥିଲୁ ।' ଏହାସହିତ 'ମେରେ କରନ୍ ଅର୍ଜୁନ ଆ ଗୟେ' ବୋଲି ଦିବ୍ୟାଙ୍କା ଲେଖିଛନ୍ତି । ଏହାସହିତ ସେ



କୁନିଶିଶୁଙ୍କ ଉପରେ ସମସ୍ତଙ୍କ ଆଶୀର୍ବାଦ ରହୁ ବୋଲି କାମନା କରିବା ସହ ଏବେ ସ୍ୱାମୀଙ୍କ ସହ ପିତାମାତା ହେବାର ନୂଆ ଅଧ୍ୟାୟ ଆରମ୍ଭ କରିଥିବା କହିଛନ୍ତି । ଦିବ୍ୟାଙ୍କା ଓ ସ୍ୱାମୀ ବିବେକ ଫ୍ୟାନ୍ସଙ୍କ ଠାରୁ ଗର୍ଭଧାରଣ ଖବରକୁ ପ୍ରାୟ ୬ ମାସ ଲୁଚାଇ ରଖିଥିଲେ । ଏହାପରେ ଶେଷରେ ଏହି ଖୁସି ଖବରକୁ ସେ ନିଜ ଫ୍ୟାନ୍ସଙ୍କ ସହ ସେୟାର କରିଥିଲେ । ଦିବ୍ୟାଙ୍କା ସେତେବେଳେ ଏକ ପୋଷ୍ଟରେ କହିଥିଲେ ଯେ ଏବେ ସେମାନେ ନିଜ ଜୀବନରେ କୁନି ଅତିଥିକୁ ଚାହୁଁଛନ୍ତି । ଗର୍ଭବତୀ ହେବା ଲାଗି ସେ ପ୍ରୟାସ କରିଥିଲେ ଓ ସମସ୍ତଙ୍କ ଆଶୀର୍ବାଦରୁ ଗର୍ଭଧାରଣ କରିଛନ୍ତି । ଏହି ଖବର ପାଇବା ପରେ ଦିବ୍ୟାଙ୍କା ଓ ବିବେକଙ୍କ ପରିବାର ଉଭୟ ବେଶ ଖୁସିବ୍ୟକ୍ତ କରିଥିବା ସେମାନେ ଫ୍ୟାନ୍ସଙ୍କୁ ଜଣାଇଥିଲେ । ଏକ ସାକ୍ଷାତକାରରେ କଥା ହେବା ସମୟରେ ଦିବ୍ୟାଙ୍କା କହିଥିଲେ ଯେ ସେ ୬ ମାସ ପର୍ଯ୍ୟନ୍ତ 'ଲୋ ପବ୍ଲିକ୍ ପ୍ରୋଫାଇଲ' ବଜାୟ ରଖିଥିଲେ । ଅନାବଶ୍ୟକ ଭାବେ ସେ ଘରୁ ବାହାରୁନଥିଲେ, ଯାହାଦ୍ୱାରା ସେମାନେ ପାପାରାଜିଠାରୁ ଦୂରେଇ ରହିଥିଲେ ଓ ତାଙ୍କ ଗର୍ଭଧାରଣ ଖବର ମିଡିଆରେ ପ୍ରକାଶ ପାଇପାରିନଥିଲା । ପ୍ରକାଶ ଥାଉକି, ଟେଲିଭିଜନର ଏହି ଲୋକପ୍ରିୟ ଅଭିନେତ୍ରୀ ଦିବ୍ୟାଙ୍କା ୟେ ହୈ ମୋହବତେଁ ଟେଲି ଧାରାବାହିକ ସମୟରେ ବିବେକଙ୍କୁ ଭେଟିଥିଲେ । ସେହି ସିରିଏଲରେ ଦିବ୍ୟାଙ୍କା ଲିଡ୍ ଅଭିନେତ୍ରୀ ଥିବାବେଳେ ବିବେକ ସାଇଡ୍ ଆକ୍ଟର ଭାବେ କାମ କରୁଥିଲେ । ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା ଓ ଦୁହେଁ ୨୦୧୬ ଜୁଲାଇ ୮ ତାରିଖରେ ବିବାହ କରିଥିଲେ । ଦିବ୍ୟାଙ୍କାଙ୍କ ବିଳମ୍ବ ଗର୍ଭଧାରଣକୁ ନେଇ ମଧ୍ୟ ବେଶ ଚର୍ଚ୍ଚା ହୋଇଥିଲା, ଯାହାକୁ ନେଇ ଅଭିନେତ୍ରୀ ଅସନ୍ତୋଷ ମଧ୍ୟ ପ୍ରକାଶ କରିଥିଲେ ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ । ରବିବାର: ଲାଭବାନ ହେବେ ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ । ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ । ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର: ବ୍ୟବସାୟରେ ଲାଭବାନ ହେବେ ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର: ଅଯଥାରେ ସମୟ ଅତିବାହିତ ହେବ ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ । ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ । ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

## କିଭଳି କିଡନୀ ରହିବ ସୁସ୍ଥ

କିଡନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଯାହା ଆମ ରକ୍ତକୁ ଶୁଦ୍ଧ କରିବା ସହ ଶରୀରରୁ ଅପରିଷ୍କାର ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ । କିନ୍ତୁ ଦୂଷିତ ଖାଦ୍ୟ ପାନୀୟର ସେବନ କରି ଆମେ ଆମ କିଡନୀକୁ ଖରାପ କରିଥାଉ । ତେବେ ଏହାକୁ କାର୍ଯ୍ୟକ୍ଷମ ଏବଂ ସୁସ୍ଥ ରଖିବା ପାଇଁ କଣ କରିବା ଆସନ୍ତୁ ଜାଣିବା । କିଡନୀକୁ ସୁସ୍ଥ ରଖିବେ କିପରି ?

ଆପଣ ଯଦି ନିଜ କିଡନୀକୁ ସଫା ରଖିବାର ଚାହୁଁଛନ୍ତି ତେବେ ପ୍ରଚୁର ପାଣି ପିଅନ୍ତୁ । ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଆପଣଙ୍କ ବିଷାକ୍ତ ପଦାର୍ଥ ପରିସ୍ରା ମାଧ୍ୟମରେ ବାହାରି ଯାଇଥାଏ । ଏହା କିଡନୀରେ ପଥର ହେବା ଆଶଙ୍କାକୁ ମଧ୍ୟ ବହୁତ ହ୍ରାସ କରିଥାଏ ।

**ଲୁଣ ଏବଂ ଚିନିକୁ ନିୟନ୍ତ୍ରଣ କରନ୍ତୁ**

ଖାଦ୍ୟରେ ଲୁଣ ମିଶାଇ ଖାଇବା ଦ୍ୱାରା ଏହା କିଡନୀ ପାଇଁ ବିପଦ ସୃଷ୍ଟି କରିଥାଏ । ଅତ୍ୟଧିକ ଲୁଣ ରକ୍ତଚାପ ବୃଦ୍ଧି କରେ ଯାହା ସିଧାସଳଖ କିଡନୀର ଶିରାକୁ ପ୍ରଭାବିତ କରେ । ସେହିପରି ଅତ୍ୟଧିକ ଚିନି ସେବନ କରିବା ଦ୍ୱାରା ମଧୁମେହ ହେବାର ଆଶଙ୍କା ଦେଖାଦେଇଥାଏ ଯାହାକୁ କିଡନୀ କ୍ଷତିର ସବୁଠାରୁ ବଡ କାରଣ ବୋଲି ବିବେଚନା କରାଯାଏ । ସରଳ ଏବଂ କମ୍ ମସଲାଯୁକ୍ତ ଖାଦ୍ୟ କିଡନୀ ପାଇଁ ଭଲ ହୋଇଥାଏ ।

**ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ**

ଲୋକମାନେ ପ୍ରାୟତଃ ସାମାନ୍ୟ ଯନ୍ତ୍ରଣା ପାଇଁ ନିଜେ ଔଷଧ ଖାଇବା ଆରମ୍ଭ କରିଦିଅନ୍ତି । ଏହି ଅଭ୍ୟାସ କିଡନୀ ପାଇଁ ବହୁତ କ୍ଷତିକାରକ ହୋଇଥାଏ । ଡାକ୍ତରଙ୍କ ପରାମର୍ଶ ବିନା ବାରମ୍ବାର ଔଷଧ ଖାଇବା ଦ୍ୱାରା କିଡନୀ ଧୀରେ ଧୀରେ କାମ କରିବା ବନ୍ଦ କରିଦେଇଥାଏ ।

**ସକ୍ରିୟ ଜୀବନଶୈଳୀ ଆପଣାନ୍ତୁ**

ଦିନରେ ଅତି କମରେ ଅଧ ଘଣ୍ଟା ଚାଲିବା କିମ୍ବା ଯୋଗ କରିବା କିଡନୀ ପାଇଁ ବହୁତ ଲାଭଦାୟକ ହୋଇଥାଏ । ଯାହାଦ୍ୱାରା ଶରୀରର ଓଜନ ସନ୍ତୁଳିତ ରହିଥାଏ । ଫଳରେ କିଡନୀକୁ ସେମାନଙ୍କର କାର୍ଯ୍ୟ କରିବା ସହଜ ହୋଇଥାଏ । ଏହା ସହିତ ଆପଣଙ୍କ କିଡନୀକୁ ସର୍ବଦା ଭଲ ରଖିବା ପାଇଁ ଆପଣ ବର୍ଷକୁ ଅତି କମରେ ଥରେ କେଏଫଟି ବା (କିଡନୀ ଫଙ୍କସନ୍ ଟେଷ୍ଟ) କରନ୍ତୁ ।

## ମା'ରାଣ ଦେହକୁ ନେବେନି...

ଅଝଟ ହୁଅନା କହିକି ଧନରେ
ଆଉ କିଆଁ ପିଠି ଆଉଁସ...
ଦୁଇ ବରଷରେ ନୋକେ ଚାଖିଲେଣି
ଖୁଆଇଲ କେତେ ମାଉଁସ...
ନେତା ତେମେ ଫମ୍ପା ବାଉଁଶ...
ମୋଡିମାଡ଼ି ଦେଲେ କୁଲା, ବାଉଁଶିଆ
ପୋଡିଦେଲେ ପୁରା ପାଉଁଶ..



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ଖୁଆ ଚିକେନ୍



**ଆବଶ୍ୟକ ସାମଗ୍ରୀ:** ଚିକେନ୍, ଦହି, ଖୁଆ, ଶୁଖିଲା ଲଙ୍କା, ଧନିଆ, ପାନମଧୁରୀ, ପିଆଜ, କଳା ଜିରା, ଲବଙ୍ଗ, ଡାଲଚିନି, କ୍ୟାପ୍ସିକମ୍, ଅଦା ରସୁଣ ବଟା, କଟା ରସୁଣ, ଗରମ ମସଲା, ଧନିଆପତ୍ର, ଲୁଣ, ହଳଦି ଓ ଲଙ୍କା ଗୁଣ୍ଡ,

**ପ୍ରସ୍ତୁତି ପ୍ରଣାଳୀ:** ଖୁଆ ଚିକେନ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମେ କରେଇରେ ଶୁଖିଲା ଲଙ୍କା, ପାନମଧୁରୀ, ଧନିଆ ଓ କଳାଜିରା ପକାଇ ଅଳ୍ପ ସମୟ ପାଇଁ ଭାଜି ଦିଅନ୍ତୁ । ଏହି ଭଜା ଗୋଟା ମସଲାକୁ ଗ୍ରାଇଣ୍ଡିଂ କରି ଏକ ପାତ୍ରରେ ରଖନ୍ତୁ । ପରେ ଚିକେନ୍କୁ ଭଲ କରି ଧୋଇ ଏକ ପାତ୍ରରେ ରଖନ୍ତୁ । ସେଥିରେ ଗୋଟା ମସଲା ଗୁଣ୍ଡ, ଦହି, ଖୁଆକୁ ପକାଇ ଭଲଭାବରେ ଗୋଳାଇ ଦିଅନ୍ତୁ । ପରେ ତାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ ।

ଏହାପରେ କରେଇରେ ତେଲ ପକାଇ ଗରମ କରନ୍ତୁ । ତେଲ ଗରମ ହେବା ପରେ ଗୋଟା ଡାଲଚିନି ପକାନ୍ତୁ । ପରେ କଟା ପିଆଜ ପକାଇ ବାଦାମୀ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ପିଆଜର ରଙ୍ଗ ବାଦାମୀ ହେବାପରେ ଅଦାରସୁଣ ବଟା ପକାଇ କିଛି ସମୟ ପାଇଁ କଷନ୍ତୁ । ମସଲା କଷି ହେବା ପରେ ସେଥିରେ କଟା କ୍ୟାପସିକମ୍ ଓ ଗୋଟା ରସୁଣ ପକାଇ୨ ରୁ ୩ ମିନିଟ୍ ଭାଜନ୍ତୁ । ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ହଳଦି ଓ ଲଙ୍କାଗୁଣ୍ଡ ପକାଇ ଦିଅନ୍ତୁ ।

ଯେତେବେଳେ ମସଲାରୁ ତେଲ ଛାଡ଼ି ଆସିବ ସେତେବେଳେ ଗୋଳା ହୋଇ ରହିଥିବା ଚିକେନ୍କୁ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ପରେ ତାକୁ କିଛି ସମୟ କଷନ୍ତୁ । ସେଥିରେ ଅଳ୍ପ ପାଣି ଦେଇ ଚିକେନକୁ ସିଝିବା ପାଇଁ ଛାଡ଼ି ଦିଅନ୍ତୁ । ଚିକେନ ସିଝିଗଲା ପରେ ସେଥିରେ ଗରମ ମସଲା ଓ ଧନିଆପତ୍ର ପକାଇ ଦିଅନ୍ତୁ । ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଖୁଆ ଚିକେନ୍' ।

**ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।**




# ଜମ୍ମୁ-କାଶ୍ମୀର ନେଇ ଚୀନ୍ ଏବଂ ପାକିସ୍ତାନର ମିଳିତ ବିବୃତ୍ତିରେ ଭାରତର ତୀବ୍ର ବିରୋଧ



**ନୂଆଦିଲ୍ଲୀ(ଏଜେନ୍ସି) :** ଚୀନ୍ ଏବଂ ପାକିସ୍ତାନର ମିଳିତ ବିବୃତ୍ତିରେ ଜମ୍ମୁ ଏବଂ କାଶ୍ମୀରର ଉଲ୍ଲେଖକୁ ନେଇ ଭାରତର ତୀବ୍ର ବିରୋଧ । ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଚୀନ୍ ଗସ୍ତରେ ଅଛନ୍ତି । ମଙ୍ଗଳବାର ଜାରି ହୋଇଥିବା ମିଳିତ ବିବୃତ୍ତିରେ କୁହାଯାଇଛି, 'ପାକିସ୍ତାନ ଜମ୍ମୁ ଏବଂ କାଶ୍ମୀରର ବର୍ତ୍ତମାନର ସ୍ଥିତି ବିଷୟରେ ଚୀନ୍କୁ ଅବଗତ କରିଛି ।' ଚୀନ୍ ପ୍ରତିକ୍ରିୟା ଦେଇ କହିଛି, ଏହି ବିବାଦ ପୁରୁଣା ଏବଂ ଜାତିସଂଘ ଚାର୍ଟର, ସୁରକ୍ଷା ପରିଷଦ ପ୍ରସ୍ତାବ ଏବଂ ଦ୍ୱିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରାଯିବା ଉଚିତ । ଏହାକୁ ନେଇ ବୈଦେଶିକ ମନ୍ତ୍ରଣାଳୟ କହିଛି, 'ଜମ୍ମୁ-କାଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ଭାରତର ଅଭିନ୍ନ ଏବଂ ଅବିଚ୍ଛେଦ୍ୟ ଅଂଶ ଅଛି ଏବଂ ସର୍ବଦା ରହିବ । ଅନ୍ୟ ଦେଶର ଏହା ଉପରେ ମନ୍ତବ୍ୟ ଦେବାର କୌଣସି ଅଧିକାର ନାହିଁ । ଚୀନ୍ ଏବଂ ପାକିସ୍ତାନ ମଧ୍ୟରେ ମିଳିତ ବିବୃତ୍ତିରେ ଜମ୍ମୁ-କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ବିଷୟରେ ଅନାବଶ୍ୟକ ଉଲ୍ଲେଖକୁ ଆମେ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରୁଛୁ ।' ଭାରତ ମଧ୍ୟ ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ପ୍ରକଳ୍ପକୁ ଦୃଢ଼ ବିରୋଧ କରିଥିଲା । ବୈଦେଶିକ ମନ୍ତ୍ରଣାଳୟ କହିଛି, 'ଏହାର କିଛି ଅଂଶ ଭାରତର ସାର୍ବଭୌମ କ୍ଷେତ୍ର ଦେଇ ଯାଏ । ପାକିସ୍ତାନର ଅବୈଧ ଏବଂ ବଳପୂର୍ବକ ଦଖଲକୁ ବୈଧ କରିବାର କୌଣସି ପ୍ରୟାସକୁ ଭାରତ ସ୍ୱୀକାର କରେ ନାହିଁ, କାରଣ ଏହା ଭାରତର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ଉଲ୍ଲଂଘନ ।' ଭାରତ ଚୀନ୍ ଏବଂ ପାକିସ୍ତାନ ମଧ୍ୟରେ ସୀମାପାର ଜଳସମ୍ପଦ ସହଯୋଗ ଆଲୋଚନାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଛି । ବୈଦେଶିକ ମନ୍ତ୍ରଣାଳୟ କହିଛି ଦୁଇ ଦେଶ ସୀମା ସେୟାର କରନ୍ତି ନାହିଁ, ତେଣୁ ସୀମାପାର ଜଳସମ୍ପଦ ସହଯୋଗର ପ୍ରଶ୍ନ ଉଠୁନାହିଁ । ଭାରତ କେବେବି ପାକିସ୍ତାନ ଏବଂ ଚୀନ୍ ମଧ୍ୟରେ ତଥାକଥିତ ୧୯୬୩ ସୀମା ଚୁକ୍ତିନାମାକୁ ସ୍ୱୀକୃତି ଦେଇନାହିଁ ।' ଉଲ୍ଲେଖନୀୟ ଯେ, ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ସହ ପୃଥକ ଭାବରେ ସାକ୍ଷାତ କରିଥିଲେ ଏବଂ ଉଭୟ ପକ୍ଷ ଚୀନ-ପାକିସ୍ତାନ ସର୍ବାଙ୍ଗୀନ ରଣନୈତିକ ସହଯୋଗ ସହଭାଗୀତାକୁ ଆହୁରି ଗଭୀର କରିବାକୁ ସହମତ ହୋଇଥିଲେ । ପାକିସ୍ତାନର ଜାତୀୟ ସାର୍ବଭୌମତ୍ୱ, ସ୍ୱାଧୀନତା ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ସୁରକ୍ଷା ଦେବା ପାଇଁ ଚୀନ୍ ତାର ସମର୍ଥନକୁ ଦୋହରାଇଥିଲା ଏବଂ ଏହାର ଜାତୀୟ ସୁରକ୍ଷା, ସ୍ଥିରତା, ବିକାଶ ଏବଂ ସମୃଦ୍ଧିକୁ ସୁରକ୍ଷା ଦେବା ପାଇଁ ପାକିସ୍ତାନର ପ୍ରୟାସକୁ ଦୃଢ଼ ଭାବରେ ସମର୍ଥନ କରିଥିଲା ।

## ଶୁଭେନ୍ଦୁ ଅଧିକାରୀଙ୍କ ଗୋଟିଏ ଚେତାବନୀ ପରେ ସୀମାନ୍ତରେ ଭିଡ଼

# ବାଂଲାଦେଶୀ କହିଲେ 'ଆମକୁ ଶୀଘ୍ର ନିଜ ଦେଶକୁ ଯିବାକୁ ଦିଅ'

**କୋଲକାତା(ଏନ୍.ଏମ୍.) :** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ କଡ଼ା ଚେତାବନୀ ପରେ ଭାରତ-ବାଂଲାଦେଶ ସୀମାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ବେଆଇନ ଭାବେ ଅନୁପ୍ରବେଶ କରିଥିବା ଶତାଧିକ ବାଂଲାଦେଶୀ ନାଗରିକ ଏବେ ନିଜ ଦେଶକୁ ଫେରିଯିବା ପାଇଁ ସୀମାନ୍ତରେ ପ୍ରବଳ ଭିଡ଼ ଜମାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ 'ଡିଟେକ୍ଟ, ଡିଲିଟ୍ ଏବଂ ଡିପୋର୍ଟ' (ଚିହ୍ନଟ କର, ବାଦ୍ ଦିଅ ଏବଂ ବାହାର କର)ନୀତିର ଘୋଷଣା ପରେ ଅନୁପ୍ରବେଶକାରୀଙ୍କ ମଧ୍ୟରେ କାଳବୈଶାଖୀର ଆତଙ୍କ ଖେଳିଯାଇଛି । ରାଜ୍ୟର ବିଜେପି ସରକାର ଏହି ଅନୁପ୍ରବେଶ ବିରୋଧୀ ଅଭିଯାନକୁ କେବଳ ରାଜନୈତିକ ବୟାନବାଜିରେ ସୀମିତ ନରଖି, ଏହାକୁ ଏକ ବ୍ୟାପକ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନର ରୂପ ଦେଇଛନ୍ତି । ଚିହ୍ନଟ ହେଉଥିବା ଅନୁପ୍ରବେଶକାରୀଙ୍କୁ ସରକାର ସିଧାସଳଖ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସଏଫ) ହାତରେ ସମର୍ପଣ କରି ଦେଶାନ୍ତର ବା ଡିପୋର୍ଟ କରୁଛନ୍ତି ।



ଏଥିପାଇଁ ସୀମାନ୍ତରେ ଆତଙ୍କିତଙ୍କ ଭିଡ ଦେଖିବାକୁ ମିଳିଛି । ପଶ୍ଚିମବଙ୍ଗର ଭାରତ-ବାଂଲାଦେଶ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହାର ସିଧାସଳଖ ପ୍ରଭାବ ଦେଖିବାକୁ ମିଳିଛି । ବିଶେଷ କରି ଉତ୍ତର ୨୪ ପ୍ରଗଣା ଏବଂ ମାଲଦା ଜିଲ୍ଲାରୁ ଆସିଥିବା ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି । ଉତ୍ତର ୨୪ ପ୍ରଗଣାର ବସିରହାଟ ସବଡିଭିଜନ ଅନ୍ତର୍ଗତ ହକିମପୁର ଚେକପଏଣ୍ଟରେ ଶତାଧିକ ବାଂଲାଦେଶୀ ପୁରୁଷ ଓ ମହିଳା ଏକାଠି ହୋଇ ବିଏସଏଫ ଅଧିକାରୀମାନଙ୍କୁ ଘେରି ଯାଇଥିଲେ । ସେମାନେ ନିଜ ନିଜର ବାଂଲାଦେଶୀ ନାଗରିକତ୍ୱର ପ୍ରମାଣପତ୍ର ଓ ଦସ୍ତାବେଜ ଦେଖାଇ ଯଥାଶୀଘ୍ର ସୀମା ପାର୍ କରିବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି ।

ସେମାନେ ସୋସିଆଲ ମିଡିଆ ଏବଂ ୟୁଟ୍ୟୁବରେ ଦେଖିବାକୁ ପାଇଛନ୍ତି ଯେ ଯେଉଁମାନେ ବାଂଲାଦେଶୀ ନାଗରିକ, ଆମେ ସେମାନଙ୍କୁ ଦେଶକୁ ଫେରାଇ ନେବୁ । ତେଣୁ ଅନୁପ୍ରବେଶକାରୀ ଏବେ ଫେରିଯିବାକୁ ଚାହିଁଥିବା ଜଣେ ଅନୁପ୍ରବେଶକାରୀ କହିଛନ୍ତି । ଏହି ଲୋକମାନଙ୍କୁ ସୀମା ପାର୍ କରାଇବା ପୂର୍ବରୁ ପ୍ରଥମେ ବିଏସଏଫ ସେମାନଙ୍କର ସମସ୍ତ ଦସ୍ତାବେଜ ଯାଞ୍ଚ କରୁଛି । ଏହା ପରେ ବାଂଲାଦେଶ ପଟେ ମୁତୟନ ଥିବା 'ବର୍ଡର ଗାର୍ଡ ବାଂଲାଦେଶ' (ବିଜିବି) ସେମାନଙ୍କର ପରିଚୟ ସ୍ପଷ୍ଟ କରିବା ପରେ ହିଁ ସେମାନଙ୍କୁ ସୀମା ପାର୍ ହେବାର ଅନୁମତି ମିଳୁଛି ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ କଡ଼ା ଆଭିମୁଖ୍ୟ ଦେଇ କହିଛନ୍ତି ଯେ, ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବା ପ୍ରତ୍ୟେକ ନାଗରିକଙ୍କୁ ନିଜ ଦେଶକୁ ଫେରିବାକୁ ହିଁ ହେବ । ଦେଶର ଇମିଗ୍ରେସନ ଆଣ୍ଡ ଫରେନର୍ସ ଆକ୍ଟ, ୨୦୨୫ ଅନୁଯାୟୀ ଏହି ବେଆଇନ ଅନୁପ୍ରବେଶକାରୀଙ୍କୁ ବାହାର କରିବା ପାଇଁ ସମସ୍ତ ଆଇନଗତ ବ୍ୟବସ୍ଥା ରହିଛି । 'ଆମେ ପୋଲିସକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛୁ ଯେ, ଏହି ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଜେଲରେ ରଖିବାର କୌଣସି ଆବଶ୍ୟକତା ନାହିଁ । ଜେଲରେ ରହି ଏମାନେ ଭାରତ ସରକାରଙ୍କ ପଇସାରେ ଖାଇବେ, ପିନ୍ଧିବେ ଓ ମାଗଣା ଔଷଧ ନେବେ । ଏମାନେ କ'ଣ ଆମର ଜ୍ୱାଇଁ ? ଶୀଘ୍ର ଏଠାରୁ ନିଜ ଦେଶକୁ ଭାଗ, ନଚେତ୍ ସରକାର ଯାହା କରିବା କଥା ଆଗକୁ କରିବେ ।' ସେହିଭଳି ବେଆଇନ ଅନୁପ୍ରବେଶକାରୀଙ୍କ ନିମନ୍ତେ ବେଙ୍ଗଲରେ ପ୍ରସ୍ତୁତ ହେଉଛି 'ହୋଲ୍ଡିଂ ସେଣ୍ଟର' । ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀକୁ ଆଧାର କରି ପଶ୍ଚିମବଙ୍ଗର 'ହୋମ୍ ଆଣ୍ଡ ହିଲ୍ ଆଫେୟାର୍ସ ଡିପାର୍ଟମେଣ୍ଟ'ର ଫରେନର୍ସ ବ୍ରାଞ୍ଚ ପକ୍ଷରୁ ବିଭିନ୍ନ ସୀମାନ୍ତ ଜିଲ୍ଲାରେ 'ହୋଲ୍ଡିଂ ସେଣ୍ଟର' ନିର୍ମାଣ କାର୍ଯ୍ୟ ଜୋରଦାର କରାଯାଇଛି । ବେଆଇନ ବାଂଲାଦେଶୀ ଏବଂ ରୋହିଙ୍ଗ୍ୟା ନାଗରିକମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ନିଜ ଦେଶକୁ ଡିପୋର୍ଟ କରାଯିବା ପୂର୍ବରୁ ଏହି କେନ୍ଦ୍ରଗୁଡ଼ିକରେ ଅସ୍ଥାୟୀ ଭାବେ ରଖାଯିବ । ରାଜ୍ୟର ମାଲଦା ଜିଲ୍ଲାରେ ଏହିପରି ଏକ ହୋଲ୍ଡିଂ ସେଣ୍ଟର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ସାରିଛି ଏବଂ ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଏହାକୁ ଖୁବ୍ ଶୀଘ୍ର ଖୋଲାଯାଉଛି । କେନ୍ଦ୍ର ସରକାରଙ୍କ କଡ଼ା ନିୟମ ଏବଂ ରାଜ୍ୟର ନୂତନ ବିଜେପି ସରକାରଙ୍କ ବ୍ୟାପକ ପ୍ରଶାସନିକ ତତ୍ପରତା ଯୋଗୁଁ ବର୍ତ୍ତମାନ ପଶ୍ଚିମବଙ୍ଗରେ ବେଆଇନ ଅନୁପ୍ରବେଶ ଉପରେ ଏକ ବଡ଼ ଧରଣର ଅଙ୍କୁଶ ଲାଗିଥିବା ଦେଖିବାକୁ ମିଳୁଛି । ପଶ୍ଚିମବଙ୍ଗ ରାଜନୀତି ଏବଂ ସୀମାନ୍ତ ସୁରକ୍ଷା ସମ୍ବନ୍ଧୀୟ ସଦ୍ୟତମ ଅପଡେଟ୍ ପାଇଁ ଆମ ସହ ଯୋଡ଼ି ହୋଇ ରୁହନ୍ତୁ ।

# ଭାରତ ମାଟିରୁ ଟ୍ରମ୍ପଙ୍କୁ ଇରାନର ସିଧା ଚ୍ୟାଲେଞ୍ଜ : 'ୟୁରେନିୟମ ଏବେ ଆପଣଙ୍କ ଭଙ୍ଗା ସ୍ୱପ୍ନ !'

**ହାଇଦ୍ରାବାଦ(ଏଜେନ୍ସି) :** ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ତିକ୍ତତା ଏବେ ଏକ ନୂଆ ମୋଡ଼ ନେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀ ପରେ ଭାରତୀୟ ମାଟିରୁ ଇରାନ ଏହାର କଡ଼ା ଜବାବ ଦେଇଛି । ହାଇଦ୍ରାବାଦସ୍ଥିତ ଇରାନର ମହାବାଣିଜ୍ୟ ଦୂତାବାସ ପକ୍ଷରୁ ସୋସିଆଲ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟ ଶେୟାର କରାଯାଇ ଟ୍ରମ୍ପଙ୍କ ଦାବିକୁ ଏକ 'ଭଙ୍ଗା ସ୍ୱପ୍ନ' ବୋଲି ଆଖ୍ୟା ଦିଆଯାଇଛି । ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଟ୍ରମ୍ପ ଲେଖିଛନ୍ତି : 'ଇରାନ ନିଜର ସଂବର୍ଦ୍ଧିତ ୟୁରେନିୟମକୁ ତୁରନ୍ତ ଆମେରିକାକୁ ହସ୍ତାନ୍ତର କରୁ, ଯାହାଦ୍ୱାରା ଏହାକୁ ଫେରାଇ ଆଣି ନଷ୍ଟ କରାଯାଇପାରିବ । ଅଥବା ଇରାନର ଇସଲାମିକ ଗଣରାଜ୍ୟ ସହିତ ମିଶି ସେହି ସ୍ଥାନରେ ହିଁ ଏହାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦିଆ ଯାଉ ।' ଟ୍ରମ୍ପଙ୍କ ଏହି ବୟାନ ଉପରେ ଭାରତର ହାଇଦ୍ରାବାଦରେ ଥିବା ଇରାନ ଦୂତାବାସ ପ୍ରତିକ୍ରିୟା ପ୍ରକାଶ କରି ଆମେରିକାକୁ ଆଇନା ଦେଖାଇଛି । ଇରାନ ପକ୍ଷରୁ କୁହାଯାଇଛି : 'ଯଦି ଇରାନ ଆପଣଙ୍କୁ ୟୁରେନିୟମ ଦେବାକୁ ଚାହୁଁଥାନ୍ତା, ତେବେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ହିଁ ଦେଇସାରନ୍ତାଣି । ଯଦି ଆପଣ ଯୁଦ୍ଧ ବଳରେ ଆମଠାରୁ ୟୁରେନିୟମ ଛଡ଼ାଇ ପାରୁଥାନ୍ତେ, ତେବେ ବହୁ ପୂର୍ବରୁ ଛଡ଼ାଇ ସାରନ୍ତେଣି । ଏବେ ଆପଣ କେବଳ ନିଜର ସ୍ୱପ୍ନକୁ ଦୋହରାଇ ପାରିବେ । ଏକ ବିଭ୍ରାନ୍ତ ଏବଂ ଯୁଦ୍ଧ ଅପରାଧୀ ବନ୍ଧୁ ଉପରେ ଭରସା କରିବାର ପରିଣାମ ଏୟା ହିଁ ହୋଇଥାଏ ।' ଏହି ବାକଯୁଦ୍ଧ ମଧ୍ୟରେ ଆମେରିକା ସେନା ପୁଣିଥରେ ଇରାନ ଉପରେ ସାମରିକ ଆକ୍ରମଣ କରିଛି । ଆମେରିକା ଏହାକୁ ନିଜର 'ଆତ୍ମରକ୍ଷା' ପାଇଁ କରାଯାଇଥିବା ପଦକ୍ଷେପ ବୋଲି କହିଛି । ଏହି ଆକ୍ରମଣ ଚାଲୁ ରହିଥିବା ଯୁଦ୍ଧବିରତି ପ୍ରକ୍ରିୟା ଉପରେ କି ପ୍ରଭାବ ପକାଇବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଅପରପକ୍ଷରେ, କତାରର ମଧ୍ୟସ୍ଥତା ଏବଂ ଆମେରିକାର ସମନ୍ୱୟରେ ଦୋହାଠାରେ ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି । ତେବେ ପରମାଣୁ କାର୍ଯ୍ୟକ୍ରମ ଏବଂ କଟକଣା ହଟାଇବା ସମ୍ପର୍କିତ ଚୁକ୍ତିର ଭାଷାକୁ ନେଇ ଦୁଇ ପକ୍ଷ ମଧ୍ୟରେ ବିବାଦ ଉପୁଜିଥିବାରୁ ଏହି ବୁଝାମଣା ଅଧାରେ ଅଟକି ରହିଛି । ଇରାନର ଅତ୍ୟଧିକ ସଂବର୍ଦ୍ଧିତ ୟୁରେନିୟମକୁ 'ଇସ୍ଫହାନ'ଠାରେ ରଖାଯାଇଛି, ଯାହାକି ଇରାନର ତିନୋଟି ପ୍ରମୁଖ ଭୂତଳ ପରମାଣୁ କେନ୍ଦ୍ର ମଧ୍ୟରୁ ଅନ୍ୟତମ । ଆନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସିର ମୁଖ୍ୟ ରାଫାଏଲ୍ ଗ୍ରୋସି ଗତ ବର୍ଷ ଅକ୍ଟୋବରରେ ଚେତାବନୀ ଦେଇଥିଲେ ଯେ, ଇରାନ ପାଖରେ ଥିବା ୟୁରେନିୟମକୁ ଯଦି ଆଉ ସାମାନ୍ୟ ସଂବର୍ଦ୍ଧିତ କରାଯାଏ, ତେବେ ସେଥିରୁ ଅତିକମରେ ୧୦ଟି ପରମାଣୁ ବୋମା ପ୍ରସ୍ତୁତ କରାଯାଇପାରିବ । ତେବେ ଇରାନ ଏହି ଦାବିକୁ ସଦାସର୍ବଦା ପ୍ରତ୍ୟାଖ୍ୟାନ କରିଆସିଛି । ଇରାନର କହିବା କଥା ଯେ, ତାର ପରମାଣୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ । ସେହିପରି ଆଇଏଇଏ ମଧ୍ୟ ଏପର୍ଯ୍ୟନ୍ତ ଇରାନ ପାଖରେ କୌଣସି ସକ୍ରିୟ ପରମାଣୁ ଅସ୍ତ୍ର ନିର୍ମାଣ କାର୍ଯ୍ୟକ୍ରମର ସ୍ପଷ୍ଟ ପ୍ରମାଣ ପାଇନାହିଁ ।

# ଆଇନ ଅଦାଲତ

# ପ୍ରମାଣ ଅଭାବରୁ ଅଲ୍ କାଏଦା ସନ୍ଦିଗ୍ଧ ଅବଦୁର ରେହମାନ ନିର୍ଦ୍ଦୋଷରେ ଖଲାସ



**କଟକ(ଏନ୍.ଏମ୍.) :** ଦୀର୍ଘ ବର୍ଷର ଆଇନଗତ ପ୍ରକ୍ରିୟା ପରେ ଶେଷ ହୋଇଛି ଚାଞ୍ଚଲ୍ୟକର ଅବଦୁର ରେହମାନ ମାମଲା । ଆନ୍ତର୍ଜାତୀୟ ଆତଙ୍କବାଦୀ ସଂଗଠନ 'ଅଲ୍ କାଏଦା' ସହ ସମ୍ପୃକ୍ତି ଅଭିଯୋଗରେ ଗିରଫ ହୋଇଥିବା ସନ୍ଦିଗ୍ଧ ଆତଙ୍କବାଦୀ ଅବଦୁର ରେହମାନଙ୍କୁ ଆବଶ୍ୟକ ପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ବିଚାର ସମୟରେ ଅଭିଯୁକ୍ତ ବିରୋଧରେ ଦୃଢ଼ ପ୍ରମାଣ ଦାଖଲ କରିବାରେ ପ୍ରଶାସନ ବିଫଳ ହୋଇଥିଲା । ୨୦୧୫ ଡିସେମ୍ବର ୧୬ ତାରିଖରେ କଟକ ଜିଲ୍ଲା ଜଗତପୁରର ପଶ୍ଚିମକଚ୍ଛ ଅଞ୍ଚଳରୁ ଅବଦୁର ରେହମାନଙ୍କୁ ଗିରଫ କରାଯାଇଥିଲା । ଦିଲ୍ଲୀ ପୁଲିସ କ୍ରାଇମବ୍ରାଞ୍ଚ ଏବଂ ଓଡ଼ିଶା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ମିଳିତ ଭାବେ ଚଢ଼ାଉ କରି ଓଡ଼ିଶା ମାଟିରୁ ତାକୁ ଟେକି ନେଇଥିଲେ ।

ଉଲ୍ଲେଖଯୋଗ୍ୟ ଯେ ୨୦୧୫ରେ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ ଏକ ଏତଲାରେ ଦର୍ଶାଇଥିଲା ଯେ, ଅଲ କାଏଦା ଭାରତରେ ନିଜର ନେଟୱର୍କ ସଂପ୍ରସାରଣ କରିବା ପାଇଁ ଚେଷ୍ଟା କରୁଛି । ରେହମାନକୁ କମିଶନରେଟ୍ ପୁଲିସ ସହାୟତାରେ ଦିଲ୍ଲୀ ପୁଲିସ ୨୦୧୫ ଡିସେମ୍ବର ୧୬ ତାରିଖରେ ଜଗତପୁର ଥାନା ଅନ୍ତର୍ଗତ ପଶ୍ଚିମକଚ୍ଛରୁ ଗିରଫ କରିଥିଲା । ଏହି ଘଟଣା ସେତେବେଳେ ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା । ରେହମାନକୁ ଦିଲ୍ଲୀ ନିଆଯିବା ପରେ ସେଠାରେ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ସମେତ ଅନ୍ୟ ରାଜ୍ୟର ପୁଲିସ୍ ତାକୁ ଜେରା କରି ତଥ୍ୟ ହାସଲ ପାଇଁ ଉଦ୍ୟମ କରିଥିଲେ । ସେ ଟାଙ୍ଗୀ ଥାନା ଅନ୍ତର୍ଗତ ବିଲତେରୁଆଁ ଅଞ୍ଚଳରେ ଏକ ମଦ୍ରାସା ଖୋଲି ସେଠାରେ ଝାଡ଼ଖଣ୍ଡ, ବିହାର ଅଞ୍ଚଳର ପିଲାଙ୍କୁ ଆଣି ଶିକ୍ଷା ଦେଉଥିଲା । ଓଡିଶା ଲିଙ୍କ୍ ସମ୍ପର୍କରେ ଖୋଳତାଡ ପାଇଁ କ୍ରାଇମ୍ବ୍ରାଞ୍ଚ ତାକୁ ଦୁଇଟି ପର୍ଯ୍ୟାୟରେ ୧୭ ଦିନ ରିମାଣ୍ଡରେ ନେଇ ଜେରା କରିଥିଲା । ରେହମାନ ବିରୋଧରେ ପୂର୍ବରୁ କ୍ରାଇମବ୍ରାଞ୍ଚ ସାଲେପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଦାଲତରେ ଅନଲଫୁଲ ଆକ୍ଟିଭିଟିଜ୍(ପ୍ରିଭେନସନ୍) ଆଇନ, ୧୯୬୭ର ଧାରା ୧୬, ୧୭, ୧୮, ୧୮-ବି, ୨୦, ୨୧, ୩୮, ୪୦ ଓ ଆଇପିସିର ଦଫା ୧୨୪-କରେ ଚାର୍ଜସିଟ୍ ଦାଖଲ କରିଥିଲା । ଏହି ସବୁ ଦଫାରେ ରୁଜୁ ମାମଲା ଦୌରା ଜଜଙ୍କ ନିକଟରେ ବିଚାର ଯୋଗ୍ୟ ହୋଇଥିବା ବେଳେ କଗନିଜାନ୍ସ ଗ୍ରହଣ ପରେ ମାମଲା ସାଲେପୁର ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରୁ କଟକ ଜିଲ୍ଲା ଓ ଦୌରା ଜଜ୍ ଅଦାଲତକୁ ଶୁଣାଣି ପାଇଁ ସ୍ଥାନାନ୍ତର ହୋଇଥିଲା । ତେବେ ରହେମାନ ବିରୋଧରେ ଦିଲ୍ଲୀ, ଝାରଖଣ୍ଡ ଓ କଟକରେ ମାମଲା ଚାଲିଥିବାବେଳେ ସମସ୍ତ ମାମଲାରେ ତଦନ୍ତକାରୀ ଟିମ ଆବଶ୍ୟକୀୟ ପ୍ରମାଣ ଦେଇପାରିନଥିଲେ । ଫଳରେ ସମସ୍ତ ମାମଲାରୁ ସେ ନିର୍ଦ୍ଦୋଷରେ ଖଲାସ ହେବା ସହ ତାଙ୍କୁ ମିଥ୍ୟା ମାମଲାରେ ଛନ୍ଦି ଦିଆଯାଇଥିବା ରହେମାନ କହିଛନ୍ତି । ପୂର୍ବରୁ ସେ ଜଣେ ଧର୍ମଗୁରୁ ଥିଲେ ଏବେ ଅଛନ୍ତି ଓ ଆଗକୁ ରହିବେ ବୋଲି ସେ କହିଛନ୍ତି । ପୂର୍ବରୁ ଆତଙ୍କବାଦ ସହିତ ତାଙ୍କର କୌଣସି ସମ୍ପର୍କ ନଥିଲା କି ନାହିଁ ବୋଲି ସେ ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ ଯେ, ଭାରତୀୟ ଉପମହାଦ୍ୱୀପରେ ସକ୍ରିୟ ଥିବା ଅଲ୍ କାଏଦାର ସହଯୋଗୀ ସଂଗଠନ ସହ ତାର ସିଧାସଳଖ ସମ୍ପୃକ୍ତି ଥିବା ନେଇ ସେତେବେଳେ ସାରା ଦେଶରେ ଚାଞ୍ଚଲ୍ୟ ଖେଳିଯାଇଥିଲା । ଦୀର୍ଘ ବର୍ଷ ଧରି ଚାଲିଥିବା ଏହି ମାମଲାର ଶୁଣାଣି ସମୟରେ, ଅଭିଯୁକ୍ତ ବିରୋଧରେ ଆଣିଥିବା ଦେଶଦ୍ରୋହ ଓ ଆତଙ୍କବାଦୀ ସମ୍ପୃକ୍ତିର ସଠିକ୍ ପ୍ରମାଣ କୋର୍ଟରେ ଉପସ୍ଥାପନ କରିବାରେ ତଦନ୍ତକାରୀ ସଂସ୍ଥା ଓ ପ୍ରଶାସନ ଅସମର୍ଥ ହୋଇଥିଲେ । ଫଳରେ କୋର୍ଟ ଏହି ମାମଲାର ଅନ୍ତ ଘଟାଇ ଅବଦୁରକୁ ଖଲାସ କରିଛନ୍ତି ।

## 'ଏସଆଇଆର' ଉପରେ ସୁପ୍ରିମକୋର୍ଟଙ୍କ ମୋହର

# ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ବୈଧ, ଖାରଜ ହେଲା ଆବେଦନ

**ନୂଆଦିଲ୍ଲୀ (ଏନ୍.ଏମ୍.) :** ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ସୁଧାର ଆଣିବା ଦିଗରେ ଦେଶର ସର୍ବୋଚ୍ଚ ଅଦାଲତ 'ସୁପ୍ରିମକୋର୍ଟ' ଆଜି ଏକ ବଡ଼ ଓ ଐତିହାସିକ ରାୟ ଶୁଣାଇଛନ୍ତି । ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏସଆଇଆର (ସ୍ପେଶିଆଲ ଇନଟେନସିଭ ରିଭିଜନ)ପ୍ରକ୍ରିୟାକୁ କୋର୍ଟ ବୈଧ ବୋଲି ଦର୍ଶାଇଛନ୍ତି । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏସଆଇଆର ପ୍ରକ୍ରିୟାରେ କୌଣସି ତ୍ରୁଟି ନାହିଁ ଏବଂ ନିର୍ବାଚନ କମିଶନ ନିଜ ସୀମା ବାହାରକୁ ଯାଇ ନୁହେଁ, ବରଂ ନିଜର ସାମ୍ବିଧାନିକ କ୍ଷମତାର ସଦୁପଯୋଗ କରି ଏହି ନିଷ୍ପତ୍ତି ନେଇଛନ୍ତି । ତେଣୁ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ 'ଅସାମ୍ବିଧାନିକ' କହି ଖାରଜ କରାଯାଇପାରିବ ନାହିଁ । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି । ବିହାର ଏବଂ ଅନ୍ୟ କେତେକ ରାଜ୍ୟରେ ମତଦାତା ତାଲିକାର ସଂଶୋଧନ ପାଇଁ ଲାଗୁ ହୋଇଥିବା ଏହି ନିୟମ ବିରୋଧରେ ହୋଇଥିବା ଆବେଦନଗୁଡ଼ିକୁ କୋର୍ଟ ଖାରଜ କରିଦେଇଛନ୍ତି ।



ସୁପ୍ରିମକୋର୍ଟ ନିଜ ନିଷ୍ପତ୍ତିରେ କହିଛନ୍ତି ଯେ, ସାଧାରଣ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାଠାରୁ ଏସଆଇଆର ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଏହାକୁ 'ବେଆଇନ' ବୋଲି କୁହାଯାଇପାରିବ ନାହିଁ । ଏହା ଏକ ସମ୍ପୂର୍ଣ୍ଣ ବୈଧ, ସାମ୍ବିଧାନିକ ଏବଂ ଆଇନଗତ ପ୍ରକ୍ରିୟା । ଦେଶରେ ସୁରୁଖୁରୁରେ ଏବଂ ସ୍ୱଚ୍ଛ ଭାବେ ନିର୍ବାଚନ ପରିଚାଳନା କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ସମୟର ଆବଶ୍ୟକତା ଥିଲା ।

ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ଏହି ପ୍ରକ୍ରିୟା ଦ୍ୱାରା ଭୋଟରଙ୍କ ଉପରେ ନିଜର ସତ୍ୟତା ପ୍ରମାଣିତ କରିବା ପାଇଁ ଅଯଥା ବୋଝ ପଡୁଛି । ତେବେ ମାନ୍ୟବର କୋର୍ଟ ଏହି ଆପତ୍ତିକୁ ଗ୍ରହଣ କରିନାହାନ୍ତି । କୋର୍ଟ କହିଛନ୍ତି : 'ଯଦି କୌଣସି ବ୍ୟକ୍ତି ନିଜର ପୁରୁଣା ବାସସ୍ଥାନ ଛାଡ଼ି ଅନ୍ୟତ୍ର ରହୁଛନ୍ତି, ତେବେ ବି ସେ ପୁରୁଣା ପ୍ରକ୍ରିୟାରୁ ବାଦ୍ ପଡ଼ନ୍ତି ନାହିଁ । ପୁରୁଣା ଏସଆଇଆର ତାଲିକାରେ ତାଙ୍କର କିମ୍ବା ତାଙ୍କ ପରିବାରର ନାମ ନିଶ୍ଚିତ ଥିବ । ଯଦି ନିୟମ ଅନୁଯାୟୀ ଏସଆଇଆର ମାଧ୍ୟମରେ କାହାର ନାଁ ଭୋଟର ତାଲିକାରୁ କଟାଯାଉଛି, ତେବେ ତାହାକୁ ନିୟମ ବିରୁଦ୍ଧ ବୋଲି କୁହାଯାଇପାରିବ ନାହିଁ ।' ପୁଣି ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ ଆଦେଶରେ ଉଲ୍ଲେଖ କରିଛନ୍ତି ଯେ, ନିର୍ବାଚନ କମିଶନ ଦଲିଲଗୁଡ଼ିକର ବିଶ୍ୱସନୀୟତା ଓ ସତ୍ୟତା ଆଧାରରେ ହିଁ ମତଦାତା ତାଲିକାରେ ସ୍ଥାନ ଦେଇଛନ୍ତି । ଏହାକୁ ଆଦୌ 'ମନମୁଖୀ' ବୋଲି କୁହାଯାଇପାରିବ ନାହିଁ । ଏହି ଏସଆଇଆର ପ୍ରକ୍ରିୟାର ଉଦ୍ଦେଶ୍ୟ କେବଳ ଲୋକଙ୍କୁ ତାଲିକାରୁ ବାଦ୍ ଦେବା ନୁହେଁ । ଯଦି କୌଣସି ବ୍ୟକ୍ତିଙ୍କ ଦସ୍ତାବିଜ୍ ବା ଡକ୍ୟୁମେଣ୍ଟ ଠିକ୍ ନଥାଏ, ତେବେ ନିର୍ବାଚନ କମିଶନଙ୍କର ତାଙ୍କ ନାଁ ଭୋଟର ତାଲିକାରେ ସାମିଲ ନକରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ଏହାର ଅର୍ଥ ଏହା ନୁହେଁ ଯେ ନିର୍ବାଚନ କମିଶନ କାହାର ନାଗରିକତ୍ୱ ନିର୍ଦ୍ଧାରଣ କରୁଛନ୍ତି । ଖଣ୍ଡପୀଠ ଆହୁରି ମଧ୍ୟ କହିଛନ୍ତି ଯେ, ଏସଆଇଆର ପ୍ରକ୍ରିୟା ସମ୍ବିଧାନ ଏବଂ ଲୋକ ପ୍ରତିନିଧି ଅଧିନିୟମର ସମସ୍ତ ମାପଦଣ୍ଡକୁ ପୂରଣ କରୁଛି । ଯେହେତୁ ଭୋଟର ତାଲିକା ପ୍ରସ୍ତୁତ କରିବା ଏକ ବ୍ୟାପକ ଏବଂ ଜଟିଳ କାର୍ଯ୍ୟ, ତେଣୁ ନିର୍ବାଚନ କମିଶନଙ୍କର ନିଜସ୍ୱ ନିୟମ ଓ ପ୍ରକ୍ରିୟା ସ୍ଥିର କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । କମିଶନ ନାଗରିକତ୍ୱ ସ୍ଥିର କରନ୍ତି ନାହିଁ, ଯଦି କୌଣସି ବ୍ୟକ୍ତିଙ୍କ ଉପରେ ସନ୍ଦେହ ପ୍ରକାଶ ପାଏ, ତେବେ ସେହି ମାମଲାକୁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇ ପାରିବ । ଚଳିତ ବର୍ଷ ଆରମ୍ଭରେ ଏହି ସମ୍ବେଦନଶୀଳ ମାମଲାର ଦୀର୍ଘ ଶୁଣାଣି ପରେ ସୁପ୍ରିମକୋର୍ଟ ନିଜର ରାୟ ସଂରକ୍ଷିତ ରଖିଥିଲେ । କେତେକ ପିଟିସନର ନିର୍ବାଚନ କମିଶନଙ୍କ ଏସଆଇଆର ପ୍ରକ୍ରିୟାର ବୈଧତାକୁ ଚ୍ୟାଲେଞ୍ଜ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀଙ୍କ ଯୁକ୍ତି ଥିଲା, ନିର୍ବାଚନ କମିଶନଙ୍କ ଏହି ପଦକ୍ଷେପ ସମ୍ବିଧାନର ଆର୍ଟିକିଲ ୩୨୬ ଏବଂ ଲୋକ ପ୍ରତିନିଧି ଅଧିନିୟମ, ୧୯୫୦ର ନିୟମ ବିରୁଦ୍ଧ । ଏହି ବିବାଦର ମୁଖ୍ୟ କାରଣ ଥିଲା ନିର୍ବାଚନ କମିଶନଙ୍କ ଏକ ସର୍ତ୍ତ । ଯେଉଁଥିରେ କୁହାଯାଇଥିଲା ଯେ, ଯେଉଁ ମତଦାତାମାନେ ବର୍ଷ ୨୦୦୨ (କେତେକ ରାଜ୍ୟରେ ୨୦୦୩) ର ମତଦାତା ତାଲିକାରୁ ବାଦ୍ ପଡ଼ିଛନ୍ତି, ସେମାନଙ୍କୁ ନିଜର ନାଗରିକତ୍ୱ ପ୍ରମାଣିତ କରିବାକୁ ହେବ । ଏଥିପାଇଁ ସେମାନଙ୍କୁ ସେହି ସମୟର ଭୋଟର ତାଲିକାରେ ଥିବା କୌଣସି ବ୍ୟକ୍ତିଙ୍କ ସହ ନିଜର ପୈତୃକ ସମ୍ପର୍କ ପ୍ରମାଣ କରିବାକୁ ପଡୁଥିଲା, ଯାହାକୁ ଆବେଦନକାରୀମାନେ ବିରୋଧ କରୁଥିଲେ । ତେବେ ସୁପ୍ରିମକୋର୍ଟଙ୍କ ବଡ଼ ଫୈସଲା ପରେ ନିର୍ବାଚନ କମିଶନଙ୍କ ସ୍ୱାଧୀନ କ୍ଷମତା ଏବଂ ଏସଆଇଆର ପ୍ରକ୍ରିୟା ଉପରେ ମୋହର ବାଜିଛି, ଯାହା ଆଗାମୀ ଦିନରେ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବାରେ ସହାୟକ ହେବ ।

# ଭୋଟର ତାଲିକାରେ ନାମ ଯୋଡିବା କିମ୍ବା ବାଦ ଦେବାର ସମ୍ପୂର୍ଣ୍ଣ ଅଧିକାର ନିର୍ବାଚନ କମିଶନରଙ୍କର ଅଛି ; ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ(ଏଜେନ୍ସି) :** ସୁପ୍ରିମକୋର୍ଟ ଭାରତୀୟ ନିର୍ବାଚନ କମିଶନର ସେହି ନିଷ୍ପତ୍ତିକୁ ବଜାୟ ରଖିଛନ୍ତି, ଯାହା ଅଧୀନରେ ବିହାରରେ ଭୋଟର ତାଲିକାର ଏସଆଇଆର ଆରମ୍ଭ କରାଯାଇଥିଲା । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ ରାୟ ଦେଇଛନ୍ତି ଯେ, ଏସଆଇଆର ପ୍ରକ୍ରିୟାକୁ କେବଳ ଭୋଟର ତାଲିକାର ସାଧାରଣ ସଂଶୋଧନ ପ୍ରକ୍ରିୟାଠାରୁ ଭିନ୍ନ ହୋଇଥିବାରୁ ଏହାକୁ ବେଆଇନ ବୋଲି କୁହାଯାଇପାରିବ ନାହିଁ । କୋର୍ଟ ଏସଆଇଆରକୁ ଏକ ବୈଧ ଏବଂ ସାମ୍ବିଧାନିକ ପ୍ରକ୍ରିୟା ଭାବରେ ବର୍ଣ୍ଣନା କରିଛନ୍ତି । କୋର୍ଟ ଆହୁରି କହିଛନ୍ତି, 'ଏହି ପ୍ରକ୍ରିୟା ଆଇନଗତ ଭାବରେ ସଠିକ୍ ।' ସାମ୍ବିଧାନିକ ବ୍ୟବସ୍ଥା ଏବଂ ଜନପ୍ରତିନିଧିତ୍ୱ ଆଇନ ଅନୁଯାୟୀ ନିର୍ବାଚନ ଆୟୋଗଙ୍କୁ ଭୋଟର ତାଲିକାର ପୁନଃନିରିକ୍ଷଣ ବା ସଂଶୋଧନ କରିବାର ଅଧିକାର ଅଛି । ବିହାରରେ ନିର୍ବାଚନ ଆୟୋଗ ଦ୍ୱାରା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନକୁ ଚ୍ୟାଲେଞ୍ଜ କରାଯାଇଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ବୁଧବାର ଏହା କହିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୁପ୍ରିମକୋର୍ଟ କହିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟାରେ ବ୍ୟକ୍ତିବିଶେଷଙ୍କୁ ସାମିଲ କରିବା ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ନିର୍ବାଚନ କମିଶନଙ୍କ କ୍ଷମତା ସୀମିତ ଏବଂ ନାମ ବାଦ ଦେବା ଦ୍ୱାରା କୌଣସି ବ୍ୟକ୍ତିଙ୍କ ନାଗରିକତା ସ୍ଥିତି ପ୍ରତ୍ୟାହାର ହୁଏ ନାହିଁ । ନାଗରିକତା ସ୍ଥିତି କେବଳ ସକ୍ଷମ କର୍ତ୍ତୃପକ୍ଷ ଦ୍ୱାରା ନିର୍ଣ୍ଣୟ କରାଯାଇପାରିବ ।




## ନାଫ୍ରି ପଞ୍ଚାୟତର ଅଜବ ନୀତି

# ୬ ମାସ ଧରି ବ୍ଲକ ଦୌଡାଚାଲିଲା, ଭତ୍ତା ମିଳିଲାନି



**ବାଙ୍ଗିରିପୋଷି(ଏନ୍.ଏମ୍.) :** ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଅଧୀନ ନାଫ୍ରି ଗ୍ରାମ ପଞ୍ଚାୟତର ଉଆଁଣିଆ ଗ୍ରାମର ରତିକାନ୍ତ ନାୟକ ସରକାରୀ ଭତ୍ତା ପାଇବା ପାଇଁ ଗତ ୬ ମାସ ଧରି ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ୁଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସହାୟତା ପାଇ ପାରିନଥିବା ଅଭିଯୋଗ କରିଛନ୍ତି । ସରକାର ଦୁର୍ବଳ ଓ ଗରିବ ଲୋକଙ୍କ ପାଇଁ ବିଭିନ୍ନ ଭତ୍ତା ଯୋଜନା କରୁଥିବା ବେଳେ ପ୍ରକୃତ ହିତାଧିକାରୀମାନେ କିପରି ହଇରାଣ ହେଉଛନ୍ତି, ଏହି ଘଟଣା ତାହାର ଜୀବନ୍ତ ଉଦାହରଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସୂଚନା ଅନୁସାରେ, ରତିକାନ୍ତ ନାୟକ ପ୍ରାୟ ୬ ମାସ ପୂର୍ବରୁ ୩୫୦୦ ଟଙ୍କା ଭତ୍ତା ପାଇଁ ଆବେଦନ କରିଥିଲେ । ସମସ୍ତ ଆବଶ୍ୟକ କାଗଜପତ୍ର ଦେଇଥିବା ସତ୍ତ୍ୱେ ତାଙ୍କ ଆବେଦନ ଏପର୍ଯ୍ୟନ୍ତ ମଞ୍ଜୁର ହୋଇନାହିଁ । ଭତ୍ତା ସମ୍ପର୍କରେ ଜାଣିବା ପାଇଁ ସେ ବାରମ୍ବାର ବାଙ୍ଗିରିପୋଷି ବ୍ଲକ କାର୍ଯ୍ୟାଳୟକୁ ଯାଉଥିବା ବେଳେ ସେଠାରେ ଥିବା ଅଧିକାରୀମାନେ "ଆଜି କାଲି ହେବ", "ପରେ ଆସ" ବୋଲି କହି ଫେରାଇ ଦେଉଥିବା ଅଭିଯୋଗ ହୋଇଛି । ଗରିବ ପରିବାରର ରତିକାନ୍ତ ଭତ୍ତା ଟଙ୍କାକୁ ଭରସା କରି ଦିନ କାଟୁଥିବା ବେଳେ ଏଭଳି ବିଳମ୍ବ ତାଙ୍କ ପରିବାରକୁ ଅଧିକ ସମସ୍ୟାରେ ପକାଇଛି । ବ୍ଲକ କାର୍ଯ୍ୟାଳୟକୁ ଯିବା ଆସିବାରେ ମଧ ତାଙ୍କର ଅର୍ଥ ଖର୍ଚ୍ଚ ହେଉଛି । ତଥାପି ତାଙ୍କ ସମସ୍ୟାର ସମାଧାନ ହେଉନଥିବାରୁ ସେ ନିରାଶ ହୋଇପଡ଼ିଛନ୍ତି । ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ସରକାର ଗରିବ ଲୋକଙ୍କ ପାଇଁ ବହୁ ଯୋଜନା କରୁଥିଲେ ମଧ ତଳସ୍ତରରେ କିଛି ଅଧିକାରୀଙ୍କ ଅବହେଳା ଓ ଧୀରଗତି କାର୍ଯ୍ୟପ୍ରଣାଳୀ ଯୋଗୁଁ ଲୋକମାନେ ହଇରାଣ ହେଉଛନ୍ତି । ଅନେକ ଗରିବ ଲୋକ ଭତ୍ତା ପାଇଁ ମାସ ମାସ ଧରି ଅପେକ୍ଷା କରୁଥିବା ଦେଖାଯାଉଛି । ଏନେଇ ଜିଲ୍ଲା ପ୍ରଶାସନ ଓ ବ୍ଲକ କର୍ତ୍ତୃପକ୍ଷ ଶୀଘ୍ର ଦୃଷ୍ଟି ଦେଇ ରତିକାନ୍ତ ନାୟକଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବା ସହ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି କରିଛନ୍ତି ।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ



**ନବରଙ୍ଗପୁର(ଏନ୍.ଏମ୍.) :** ଛତିଶଗଡ଼ ସ୍ଥିତ ଚିତ୍ରକୂଟ ଠାରେ ଜିଲ୍ଲା ସ୍ତରୀୟ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଜିଲ୍ଲା ସଭାପତି କୁଞ୍ଜବିହାରୀ ଦାଶଙ୍କ ସଭାପତିତ୍ୱରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା । ଏହି ପ୍ରଶିକ୍ଷଣ ବର୍ଗରେ ୨୦୦ ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଥିଲେ । ଏହି ପ୍ରଶିକ୍ଷଣ ମହାଅଭିଯାନ ରେ ମୋଟ ୧୨ ଟି ବିନ୍ଦୁ ଯଥା ଭାରତୀୟ ଜନତା ପାର୍ଟିର ଇତିହାସ, ବୈଚାରିକ ଅନୁଷ୍ଠାନ, ବୁଥ ପ୍ରବନ୍ଧନ, ସାମାଜିକ ଗଣ ମାଧ୍ୟମ, ସରକାର କେନ୍ଦ୍ର ତଥା ରାଜ୍ୟର ବିଭିନ୍ନ ଯୋଜନା, କାର୍ଯ୍ୟ ବିସ୍ତାର ଇତ୍ୟାଦି ଉପରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରଶିକ୍ଷକ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ନବରଙ୍ଗପୁର ଗୌରୀଶଙ୍କର ମାଝି, ରାଷ୍ଟ୍ରୀୟ ପ୍ରବକ୍ତା ଡଃ ରାଜକୁମାର ଫୁଲବାରିଆ, ବିଧାୟକ ଝରିଗାଁ ନରସିଂହ ଭତ୍ରା, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ରାଜ୍ୟ ସଂପାଦକ ସରୋଜ କର, ଜିଲ୍ଲା ପ୍ରଶିକ୍ଷଣ ପ୍ରଭାରୀ ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ସାଂସଦ ପର୍ଶୁରାମ ମାଝି, ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ଝଡେଶ୍ୱର ଖାଡଙ୍ଗା, ଜିଲ୍ଲା ସଭାପତି କୁଞ୍ଜବିହାରୀ ଦାଶ, ରାଜ୍ୟ ସହ ପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ଓ ଅନ୍ୟାନ୍ୟ ଅନେକ ପ୍ରଶିକ୍ଷକ ଓ ଅତିଥି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ଜିଲ୍ଲା ସମ୍ପାଦକ ସୁରେଶ ଆଚାର୍ଯ୍ୟ, ଜ୍ୟୋତି ରଞ୍ଜନ କଂସ ଓ ଦେବଦାସ ମହାନ୍ତ ।

# ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ 'ସ୍ୱତନ୍ତ୍ର ସଘନ ସଂଶୋଧନ' ତାଲିମ




**ବ୍ରହ୍ମପୁର(ଏନ୍.ଏମ୍.) :** ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯଥା ବ୍ରହ୍ମପୁର ମହାନଗର ନିଗମ, ବୁଗୁଡ଼ା, ଜଗନ୍ନାଥ ପ୍ରସାଦ, ସାନଖେମୁଣ୍ଡି, ବେଲଗୁଣ୍ଠା ବ୍ଲକ , କୋଦଳା ଏନଏସିରେ ବୁଥସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରମାନଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ତାଲିମ ଦିଆଯାଇଛି । ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି, ଇ ଫର୍ମ ବଣ୍ଟନ ଏବଂ ସଂଗ୍ରହ, ଘରକୁ ଘର ଯାଇ ଭୋଟର ତାଲିକାର ଯାଞ୍ଚ ଏବଂ ତ୍ରୁଟି ସଂଶୋଧନ, ନୂଆ ନାମ ଯୋଡ଼ିବା କିମ୍ବା ବାଦ୍ ଦେବା ପାଇଁ ଦାବି/ଆପତ୍ତି ପ୍ରକ୍ରିୟା, ସ୍ୱତନ୍ତ୍ର ମ୍ୟାପିଙ୍ଗ ଏବଂ ଡାଟା ଏଣ୍ଟ୍ରି ସମ୍ବନ୍ଧୀୟ ପ୍ରଶିକ୍ଷଣ, ୧୯୫୦ ଟୋଲ୍ ଫ୍ରି ହେଲ୍ପଲାଇନ ନମ୍ବରର ବ୍ୟବହାର ଆଦି ବିଭିନ୍ନ ବିଷୟରେ ଉପଜିଲ୍ଲାପାଳ, ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ବୁଥସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରମାନଙ୍କୁ ତାଲିମ ଦେଇଥିଲେ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ଘରକୁ ଘର ଯାଇ ଏସଆଇଆର ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବୁଥସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରମାନଙ୍କୁ ପରାମର୍ଶ ଦିଆଯାଇଛି । ସୂଚନା ଯୋଗ୍ୟ ଯେ, ଜିଲ୍ଲାରେ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି । ୨୦ ମେ ରୁ ୨୯ ମେ ୨୦୨୬ ପର୍ଯ୍ୟନ୍ତ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ସମ୍ପାଦିତ ହେବ । ୩୦ ମେ ରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ କରି ଭୋଟର ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବେ । ଏହା ସହିତ ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ କରାଯିବ । ଖସଡା ଭୋଟର ତାଲିକା ୦୫ ଜୁଲାଇ ୨୦୨୬ରେ ପ୍ରକାଶ ପାଇବାକୁ ଥିବାବେଳେ, ୦୫ ଜୁଲାଇରୁ ୦୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ । ଦାବି ଓ ଆପତ୍ତିର ନିଷ୍ପତ୍ତି ୦୨ ସେପ୍ଟେମ୍ବର ସୁଦ୍ଧା କରାଯିବା ପରେ ୦୬ ସେପ୍ଟେମ୍ବର ୨୦୨୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ ।

# ନବରଙ୍ଗପୁରର ଝିଅ ସୁମନଙ୍କ ରେକର୍ଡ



**ନବରଙ୍ଗପୁର(ଏନ୍.ଏମ୍.):** ଓଡିଶା ସିଭିଲ୍ ସର୍ଭିସ ପରୀକ୍ଷାରେ ନବରଙ୍ଗପୁରର ଝିଅ ସୁମନ ଗୁପ୍ତା ୧୫ ନଂ ରେଙ୍କରେ କୃତିତ୍ୱ ଅର୍ଜନ କରିଛନ୍ତି । ପିତା ମୁକେଶ ଗୁପ୍ତା ଜଣେ ବ୍ୟବସାୟୀ । ମାଆ ଲକ୍ଷ୍ମୀ ଦେବୀ ଗୃହିଣୀ । ସୁମନ ନବରଙ୍ଗପୁର କଲେଜରୁ ରସାୟନ ବିଜ୍ଞାନ ସମ୍ମାନରେ ୨୦୨୦ ମସିହାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହା ପରଠାରୁ ଓଡିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ ଉଦ୍ୟମ ଜାରି ରଖିଥିଲେ । ଚତୁର୍ଥ ଉଦ୍ୟମରେ ସୁମନ ସଫଳ ହୋଇଛନ୍ତି । ପୂର୍ବରୁ ୩ଥର କ୍ୱାଲିଫାଇ କରିଥିଲେ ହେଁ ଫାଇନାଲକୁ ଯାଇନଥିଲେ । ଜୟପୁରରେ ପରୀକ୍ଷା କେନ୍ଦ୍ର ହେବା ଦ୍ୱାରା ଅବିଭକ୍ତ କୋରାପୁଟ ଜିଲ୍ଲା ପିଲାଙ୍କୁ ପାଇଁ ବହୁତ ସୁବିଧା ହୋଇଛି ଏଥି ପାଇଁ ସୁମନ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ନିଜ ଅଞ୍ଚଳର ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ ସମସ୍ୟାକୁ ପିଲାଦିନରୁ ଦେଖି ଆସିଛନ୍ତି । ରାଜ୍ୟର ଯେଉଁ ଅଞ୍ଚଳରେ ସରକାର ନିଯୁକ୍ତି ଦେବେ ଏସବୁକୁ ସୁଧାରିବା ଦିଗରେ ପ୍ରାଥମିକତା ଦେବେ ବୋଲି କହିଛନ୍ତି ସୁମନ ଗୁପ୍ତା ।

# ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡ଼ର ଅନଲାଇନ୍ ପ୍ରବେଶିକା ପରୀକ୍ଷା ଜୁନ୍ ୧ରୁ ୧୨

**ନବରଙ୍ଗପୁର(ଏନ୍.ଏମ୍.) :** ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ସକାଶେ ଭାରତୀୟ ସେନାରେ ନିଯୁକ୍ତି ବର୍ଷ ୨୦୨୬-୨୭ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ୧ଜୁନ୍ ୨୦୨୬ରୁ ୧୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । କୋଲକାତାର ନିଯୁକ୍ତି ଜୋନରେ ପରୀକ୍ଷା ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ରାଜ୍ୟର ମୋଟ ୧୬ଟି ସହରର ୨୬ ଟି କେନ୍ଦ୍ରରେ ଅନୁଷ୍ଠିତ ହେବ । ଓଡ଼ିଶା ରାଜ୍ୟର ପରୀକ୍ଷା ସାତଟି ସହର ଯଥା ବାଲେଶ୍ୱର, ବ୍ରହ୍ମପୁର (ଗଞ୍ଜାମ), ଭୁବନେଶ୍ୱର, କଟକ, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର ରେ ଅନୁଷ୍ଠିତ ହେବ ।

ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିବା ପାଇଁ ପଞ୍ଜିକରଣ ସମୟ ୧୦ ଏପ୍ରିଲ ୨୦୨୬ ରେ ବନ୍ଦ ହୋଇଯାଇଛି । ନବରଙ୍ଗପୁର ଜିଲ୍ଲାର ପ୍ରାର୍ଥୀମାନେ www.joinindianarmy.nic.in ରୁ ସେମାନଙ୍କର ଆଡମିଟ୍ କାର୍ଡ ଯାଞ୍ଚ ଏବଂ ଡାଉନଲୋଡ୍ କରିପାରିବେ । ସଫଳତାର ସହ ପଞ୍ଜିକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ଆଡମିଟ୍ କାର୍ଡ ପାଇ ନାହାଁନ୍ତି, ସେମାନେ ସେମାନଙ୍କର ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟକୁ ପାଇପାରିବେ । କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷାକୁ ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ www.joinindianarmy.nic.in ୱେବସାଇଟ୍ ପରିଦର୍ଶନ କରିବାକୁ ମଧ ପରାମର୍ଶ ଦିଆଯାଇଛି ।

ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପରେ, ମନୋନୀତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ରାଲି ବିଷୟରେ ସୂଚିତ କରାଯିବ । ପ୍ରାର୍ଥୀମାନଙ୍କୁ କୌଣସି ଦଲାଲଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି । ଯେକୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀମାନେ ନିକଟସ୍ଥ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ଉଚିତ ବୋଲି ସବ୍ ମେଜର, ଆସିଷ୍ଟାଣ୍ଟ ରି କ୍ରୁଇଟିଂ ଅଫିସର, ଆର୍ମି ରିକ୍ରୁଇଟିଂ ଅଫିସ, ଗୋପାଳପୁର ଜଣାଇଛନ୍ତି ।

# ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ ଅଭିଯାନ




**ସୋରଡ଼ା (ଏନ୍.ଏମ୍.) :** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସୋରଡ଼ା ବିଧାନସଭା କ୍ଷେତ୍ରର ସୋରଡ଼ା ବ୍ଲକ ଅନ୍ତର୍ଗତ ବଡ଼ଗଡ଼ ପଞ୍ଚାୟତରେ ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଅଧୀନରେ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଓ ପ୍ରଶାସନିକ ଅଧିକାରୀ ତନ୍ମୟ ପାତ୍ର, ପଂଚାୟତ ଜୁନିଅର ଇଞ୍ଜିନିଅର ମୁକେଶ ଟୋପ, ଏ ଡ଼ି ଓ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ, ପଂଚାୟତ ଏକ୍ସକ୍ୟୁଟିଭ ଅଫିସର ସୁରେନ୍ଦ୍ର ସେଠି, ଘୁମୁସର ଜିଲ୍ଲା ଉପ ସଭାପତି ରାଧା ମୋହନ ସ୍ୱାଇଁ, ସମାଜ ସେ୍ୱୀ ଭଗବାନ ପାତ୍ର, ମିଶନ ଶକ୍ତି ବ୍ଲକ ପ୍ରୋଜେକଟ ଅଫିସର ବନିତା କୁମାରୀ ସାହୁ, ଭାରତୀୟ ଜନତା ଦଳର କର୍ମୀ ଓ ମିଶନ ଶକ୍ତି ମା ମାନେ ଏହି କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ରେ ପରିମଳ ବ୍ୟବସ୍ଥା ର ସୁଧାର ଆଣିବା ପାଇଁ ବାହ୍ୟ ମଳ ତ୍ୟାଗ ମୁକ୍ତ, ବର୍ଜ୍ୟବସ୍ତୁ ପରିଚାଳନା, ପ୍ଲାଷ୍ଟିକ ବର୍ଜନ ଏବଂ ସାପ୍ତାହିକ ସଫେଇ ଅଭିଯାନ ଉପରେ ସମସ୍ତ ଜନସାଧାରଣଙ୍କୁ ଅବଗତ କରାଇଲେ । ଜିଲ୍ଲା ପ୍ରଶାସନ ବା ମୁନିସିପାଲିଟିର ସ୍ୱଚ୍ଛତା ନିୟମ ଗୁଡିକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବାପାଇଁ ଅନୁରୋଧ କଲେ । ଗଞ୍ଜାମ ଜିଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ମଙ୍ଗଳବାର ଦିନ ସଫେଇ କାର୍ଯ୍ୟକ୍ରମ କରିବା ପାଇଁ ମଧ ଜଣେଇଥିଲେ ।

# ମୌସୁମୀକୁ ନେଇ ଖରାପ ଖବର, ପାଣିପାଗ ବିଭାଗର ଚେତାବନୀ, ଏଲନିନୋ ପାଇଁ ଜୁନରେ ଭୟଙ୍କର ହିଟୱେ୍ୱଭ୍

**ଭୁବନେଶ୍ୱର(ଏନ୍.ଏମ୍.) :** ଏଥର ଓଡ଼ିଶାରେ କମ୍ ବର୍ଷା ଆକଳନ । ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ । ଜୁନ୍‌ରେ ସ୍ୱାଭାବିକ ଠାରୁ ୯୨ ପ୍ରତିଶତ କମ୍ ବର୍ଷା ହେବାର ଆଶଙ୍କା ରହିଛି । ସେହିପରି ଦେଶର ମଧ ଭାଗରେ ୯୪% କମ୍ ବର୍ଷା ହେବ । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ନେଇ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି । ସେପଟେ ୧୬ ତାରିଖରେ ମୌସୁମୀ ବାୟୁ ଆଣ୍ଡାମାନ ଛୁଇଁ ସାରିଛି । ଏଲ୍-ନିନୋ ସ୍ଥିତିରେ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରେ ହିଟୱେ୍ୱଭ୍ ସତର୍କତା ଜାରି କରାଯାଇଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ପୂର୍ବୋତ୍ତର ଭାରତରେ ସ୍ୱାଭାବିକ ବର୍ଷା ହେବ । ସେହିପରି ମଧ୍ୟପ୍ରଦେଶର, ମହାରାଷ୍ଟ୍ର ଏବଂ ଛତିଶଗଡ଼ରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ । ଏଥର ମୌସୁମୀର କୋର୍ ଅଞ୍ଚଳରେ ବି କମ୍ ବର୍ଷା ହେବ । ଉତ୍ତର ପ୍ରଦେଶ, ହରିୟାଣା, ପଞ୍ଜାବ, ବିହାର, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ, ତେଲେଙ୍ଗାନା ଏବଂ ତାମିଲନାଡୁର କିଛି ଅଞ୍ଚଳରେ ଭୟଙ୍କର ହିଟୱେ୍ୱଭ୍ ଅନୁଭୂତ ହେବ । ରାଜସ୍ଥାନ ଏବଂ ଝାଡ଼ଖଣ୍ଡରେ ସ୍ୱାଭାବିକ ଠାରୁ କମ୍ ହିଟୱେ୍ୱଭ୍ ଅନୁଭୂତ ହେବ । ଏହାଦ୍ୱାରା ଖରିଫ୍ ଚାଷ ପ୍ରଭାବିତ ହେବ । ଧାନ ବୁଣା ବେଳେ ଜଳ ସଙ୍କଟ ଦେଖାଦେବ । ବିଜୁଳି ଉତ୍ପାଦନ ମଧ ପ୍ରଭାବିତ ହେବ । ତେଣୁ ଜଳ ସଂରକ୍ଷଣ, ମରୁଡ଼ି ପ୍ରବନ୍ଧନ, ଏବଂ ଫସଲ ବୀମା କରିବା ପାଇଁ ସବୁ ରାଜ୍ୟଙ୍କୁ ଆଇଏମଡି ପରାମର୍ଶ ଦେଇଛି । ୧୬ରେ ଆଣ୍ଡାମାନ ଛୁଇଁ ସାରିଛି ମୌସୁମୀ, ଏଥର ଓଡ଼ିଶାରେ କମ୍ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

## ବ୍ଲକ୍‌ଗ୍ରାଣ୍ଟ ବନାମ ଏସ୍‌ଏସ୍‌ବି

# ଅଧକ୍ଷ ନିଯୁକ୍ତିକୁ ନେଇ ଛକାପଞ୍ଝା

**ରାଉରକେଲା(ଏନ୍.ଏମ୍.) :** ରାଜ୍ୟରେ ଅନୁଦାନପ୍ରାପ୍ତ ୪୮୮ ବର୍ଗ କଲେଜ ଏବଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଭାରପ୍ରାପ୍ତ ଅଧକ୍ଷ ନିଯୁକ୍ତି ଏବଂ ବରିଷ୍ଠତା ନିର୍ଦ୍ଧାରଣକୁ ନେଇ ନୂଆ ବିବାଦ ଦେଖାଦେଇଛି । ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ୪୮୮ ବର୍ଗ କଲେଜ ଶିକ୍ଷକ ଏବଂ କର୍ମଚାରୀ ସଂଘ (ଏଓଏସିଟିଇଏ) ପକ୍ଷରୁ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ପ୍ରେରିତ ଚିଠିକୁ ନେଇ ଏସ୍‌ଏସ୍‌ବି ଅଧ୍ୟାପକ-ଅଧ୍ୟାପିକା ଏବଂ ସ୍ନାତକୋତ୍ତର ଶିକ୍ଷକମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି ।

ସଂଘ ପକ୍ଷରୁ ମଇ ୨୫ରେ ଜାରି ହୋଇଥିବା ଚିଠିରେ ୨୦୦୯ ଜିଆଇଏ ଅଧୀନ ଅଧ୍ୟାପକମାନଙ୍କୁ ଭାରପ୍ରାପ୍ତ ଅଧକ୍ଷ ଭାବେ ନିଯୁକ୍ତି ଦେବାକୁ ଦାବି କରାଯିବା ସହ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକଙ୍କ ଦ୍ୱାରା ୧୯.୦୫.୨୦୨୬ରେ ଜାରି ଚିଠି ନଂ ୫୨୬୫କୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା । ଚାପର ବଶବର୍ତ୍ତୀ ହୋଇ ୨୫.୦୫.୨୦୨୬ ପତ୍ର ସଂଖ୍ୟା ୫୬୫୯ରେ ରାଜ୍ୟ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉକ୍ତ ଚିଠିକୁ ପ୍ରତ୍ୟାହାର କରି ନେଇଛି । ଏହାକୁ ନେଇ ଏସ୍‌ଏସ୍‌ବି ଅଧ୍ୟାପକ ଓ ସ୍ନାତକୋତ୍ତର ଶିକ୍ଷକ ସଂଘମାନେ ତୀବ୍ର ପ୍ରତିକ୍ରିୟା ଜଣାଇ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଏହି ମନୋଭାବ ନୂତନ ପିଢିର ନିଯୁକ୍ତ ଅଧ୍ୟାପକମାନଙ୍କ ଅଧିକାରକୁ ଅବମାନନା କରୁଛି । ସେମାନଙ୍କ ମତରେ ଉଚ୍ଚଶିକ୍ଷା ବିଭାଗ ଅଧୀନ ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ମାଧ୍ୟମରେ ରାଜ୍ୟ ସରକାରଙ୍କ ନିୟମିତ ଚୟନ ପ୍ରକ୍ରିୟା ଅନୁସାରେ ଅନୁମୋଦିତ ପ୍ରତ୍ୟକ୍ଷ ବେତନଭୁକ୍ତ ପଦରେ ଏସ୍‌ଏସ୍‌ବି ଅଧ୍ୟାପକ ଏବଂ ସ୍ନାତକୋତ୍ତର ଶିକ୍ଷକମାନେ ନିଯୁକ୍ତି ପାଇଛନ୍ତି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୫.୦୭.୨୦୨୪ରେ ସଂଖ୍ୟା ୨୮୮୫୨ରେ ଜାରି ପତ୍ର ୧୭.୧୨.୨୦୨୪ରେ ସଂଖ୍ୟା ୫୦୮୩୯ରେ ଜାରି ପତ୍ର ଏବଂ ୦୮.୧୧.୨୦୨୪ ସଂଖ୍ୟା ୪୫୮୯୦ରେ ଜାରି ପତ୍ର ଅନୁସାରେ ସ୍ପଷ୍ଟ କରାଯାଇଛି ଯେ ୪୮୮ବର୍ଗ ଅନୁଦାନପ୍ରାପ୍ତ କଲେଜରେ କେବଳ ପ୍ରତ୍ୟକ୍ଷ ବେତନଭୁକ୍ତ ଅଧ୍ୟାପକ/ଅଧ୍ୟାପିକାମାନଙ୍କୁ ଭାରପ୍ରାପ୍ତ ଅଧକ୍ଷ ପଦରେ ନିଯୁକ୍ତି ଦିଆଯିବ । ୨୦୦୪ ପରବର୍ତ୍ତୀ ଜିଆଇଏରେ ଅନ୍ତର୍ଭୁକ୍ତ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକ ଓ ଅଧ୍ୟାପିକାମାନେ ଏଥିରେ ଅନ୍ତର୍ଭୁକ୍ତ ନାହାନ୍ତି ଓ ସେମାନେ ପ୍ରତ୍ୟକ୍ଷ ବେତନଭୁକ୍ତ ନୁହନ୍ତି । ଏହା ସତ୍ତ୍ୱେ ଏସ୍‌ଏସ୍‌ବି ଅଧ୍ୟାପକ-ଅଧ୍ୟାପିକା ଏବଂ ସ୍ନାତକୋତ୍ତର ଶିକ୍ଷକଙ୍କୁ ପ୍ରଶାସନିକ ଦାୟିତ୍ୱରୁ ଦୂରେଇ ରଖିବା ପାଇଁ ଏଓଏସିଟିଇଏ ପକ୍ଷରୁ ଜାରି ପତ୍ର ଅନ୍ୟାୟକୁ ସମର୍ଥନ ଦେଉଛି । ଏହାସହ ସଂଘ ପକ୍ଷରୁ କୁହାଯାଇଛି ଯେ ଏଓସିଟିଇଏ କେବଳ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ ଏବଂ କର୍ମଚାରୀଙ୍କ ପ୍ରତିନିଧିତ୍ୱ କରୁଛି ଓ ସମ୍ପୂର୍ଣ୍ଣ ୪୮୮ ବର୍ଗ ଅଧ୍ୟାପକ-ଅଧ୍ୟାପିକାଙ୍କ ସ୍ୱର ନୁହଁ । ଓଡ଼ିଶା ଏସ୍‌ଏସ୍‌ବି ଅଧ୍ୟାପକ ଏବଂ ଅଧ୍ୟାପିକା ସଂଘ (ଓସଲା) ପକ୍ଷରୁ ଅଭିଯୋଗ କରାଯାଇଛି ଯେ କେତେକ ସଂଘ ଦୀର୍ଘଦିନ ଧରି ପୁରୁଣା ଜିଆଇଏ ଆଧାରିତ ବ୍ୟବସ୍ଥାକୁ ଜାରି ରଖିବାକୁ ଚାହୁଁଥିବାବେଳେ ନୂତନ ନିଯୁକ୍ତ ଯୋଗ୍ୟ ଅଧ୍ୟାପକମାନଙ୍କୁ ପଛକୁ ଠେଲା ଯାଉଛି । ଏହି ପ୍ରକାର ଚିଠି ଶିକ୍ଷାନୁଷ୍ଠାନ ମଧ୍ୟରେ ଅନାବଶ୍ୟକ ବିଭାଜନ ସୃଷ୍ଟି କରୁଛି । ସରକାରଙ୍କ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଭାରପ୍ରାପ୍ତ ଅଧକ୍ଷ ନିଯୁକ୍ତି ଦିଆଯାଉ ଓ ବ୍ଲକ୍ ଗ୍ରାଣ୍ଟ ସଂଘର ଚାପର ବଶବର୍ତ୍ତୀ ହୋଇ ସରକାର ଏସ୍‌ଏସ୍‌ବି ଅଧ୍ୟାପକ/ଅଧ୍ୟାପିକା ଏବଂ ସ୍ନାତକୋତ୍ତର ଶିକ୍ଷକଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ କରନ୍ତୁ ନାହିଁ ।

# ପଞ୍ଚାୟତ ନିର୍ବାଚନ ଲଢ଼ିବ ଆମ ଆଦମୀ ପାର୍ଟି : ସାଂସଦ ସଞ୍ଜୟ ସିଂହ




**ରାଉରକେଲା(ଏନ୍.ଏମ୍.) :** ରାଜ୍ୟସଭା ସାଂସଦ ତଥା ଆମ୍ ଆଦମୀ ପାର୍ଟି ନେତା ସଞ୍ଜୟ ସିଂହ ମଙ୍ଗଳବାର ଦିନ ରାଉରକେଲା ଗସ୍ତରେ ଆସି ପାନ୍ଥନିବାସ ଠାରେ ଆୟୋଜିତ ଦଳର ବୈଠକରେ ଯୋଗଦେବା ସହ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ପ୍ରକାଶ କରିଥିଲେ ଯେ, ଆମ୍ ଆଦମୀ ପାର୍ଟି ଓଡିଶାରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବ । ଏହି କାର୍ଯ୍ୟ ଜୁନ୍ ୧ ତାରିଖ ଠାରୁ ଆରମ୍ଭ କରାଯିବ ବୋଲି ରାଜ୍ୟସଭା ସାଂସଦ ତଥା ଆମ୍ ଆଦମୀ ପାର୍ଟିର ନେତା ସଞ୍ଜୟ ସିଂହ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ଆପ୍ ପକ୍ଷରୁ ଆୟୋଜିତ ବୈଠକରେ ଦଳର ନେତା ତଥା ଲୋକସଭା ପ୍ରଭାରୀ ବିନୟ ତିୱାରୀ, ସୁନ୍ଦରଗଡ ଦର୍ଜଙ୍ଗର ପୂର୍ବତନ ସରପଞ୍ଚ ଶ୍ରୀମତୀ କୁନି ମୁଣ୍ଡା, ସଂଖ୍ୟା ଲଘୁ ସେଲର ସଦସ୍ୟ ଅଜମେର, ରାଉରକେଲା ସଦସ୍ୟ ସନ୍ତୋଷ, ମିଡିଆ ପ୍ରଭାରୀ ଭରତ ବାଇ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାଗ ନେବା ସହିତ ୨୦୨୯ ସାଧାରଣ ନିର୍ବାଚନ ପାଇଁ ମଧ୍ୟ ପ୍ରସ୍ତୁତି ପଥରେ ଅଗ୍ରସର ହେବ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ସିଂହ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ନିର୍ବାଚନ ସମୟରେ ଆମ୍ ଆଦମୀ ପାର୍ଟିର ଶୀର୍ଷ ନେତୃତ୍ୱ ଓଡିଶାର ସାଧାରଣ ନିର୍ବାଚନ ସମୟରେ ଆସି ନିର୍ବାଚନୀ ସଭାରେ ଉଦବୋଧନ ଦେବେ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ସିଂହ କହିଥିଲେ । ଏଥିସହିତ ରାଉରକେଲାର ବିକାଶକୁ କେନ୍ଦ୍ର ତଥା ରାଜ୍ୟର ଡବଲ ଇଞ୍ଜିନ ବିଜେପି ସରକାର ଅଣଦେଖା କରୁଥିବାକୁ ନେଇ ପାର୍ଲିଆମେଣ୍ଟ ଅଧିବେଶନ ସମୟରେ ପ୍ରଶ୍ନ କରିବେ ବୋଲି ସୂଚନା ଦେଇଥିଲେ । ରାଜଗାଙ୍ଗପୁରର ଡାଲମିଆ ଭାରତ ସିମେଣ୍ଟ କାରଖାନା ପକ୍ଷରୁ ଲାଞ୍ଜିବେର୍ଣ୍ଣାରେ ଆଦିବାସୀଙ୍କ ଜମିରେ ଥିବା ଡାଲି ଫସଲକୁ ନଷ୍ଟ କରି ବେଆଇନ ଜମି ଅଧିଗ୍ରହଣ କରାଯାଇଥିବା ନେଇ ଲାଞ୍ଜିବେର୍ଣ୍ଣାର କ୍ଷତିଗ୍ରସ୍ତ ଆଦିବାସୀମାନଙ୍କ ପକ୍ଷରୁ ଶ୍ରୀ ସିଂହଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସାଂସଦ ଶ୍ରୀ ସିଂହ ଏହାକୁ ଗ୍ରହଣ କରିବା ସହିତ ଆଗାମୀ ଦିନରେ ଏହାକୁ ନେଇ ସେ ରାଜ୍ୟସଭା ପ୍ରଶ୍ନ ଉଠାଇବେ ବୋଲି କହିଥିଲେ ।

## ଓଡିଶା ମେଟାଲିକ ଦ୍ୱାରା ବେଆଇନ ଜଙ୍ଗଲ ଜମି ଅଧିକାର ମାମଲା

# ଡିଏଫ୍‌ଓଙ୍କୁ ୨୫ ହଜାର ଟଙ୍କା ଜରିମନା କଲେ ଏନ୍‌ଜିଟି

**ଝାରସୁଗୁଡ଼ା,(ଏନ୍.ଏମ୍.) :** ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲଙ୍କ ପୂର୍ବ ଜୋନ ବେଞ୍ଚ, ଓଡିଶା ମେଟାଲିକ ଦ୍ୱାରା ବେଆଇନ ଜଙ୍ଗଲ ଜମି ମାମଲାର ଶୁଣାଣି ସମୟରେ ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଏବଂ ଜବାବ ଦାଖଲ ନକରିବା ସହିତ କୋର୍ଟରେ ପକ୍ଷ ରଖିନଥିବା ୬ ନମ୍ବର ପ୍ରତିପକ୍ଷ ଝାରସୁଗୁଡା ଡିଏଫଓଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ମାନ୍ୟବର ଏନଜିଟି ୨୫,୦୦୦ ଟଙ୍କାର ଆର୍ଥିକ ଜରିମାନା ଲଗାଇଛନ୍ତି । ସୂଚନା ଅନୁସାରେ ଝାରସୁଗୁଡ଼ା ସଦର ବ୍ଲକ ମରାକୁଟା ଠାରେ ଥିବା ଓଡିଶା ମେଟାଲିକ କମ୍ପାନୀ ବେଆଇନ ଜଙ୍ଗଲ ଜମି ଜବରଦଖଲ ସମ୍ପର୍କିତ ଆବେଦନକାରୀ ଶତ୍ରୁଘ୍ନ ମେହେରଙ୍କ ମୂଳ ଆବେଦନ ଉପରେ ଗତ ମେ ୨୫, ୨୦୨୬ରେ ଭର୍ଚୁଆଲ ମାଧ୍ୟମରେ ଏହି ଶୁଣାଣି ହୋଇଥିଲା । ବିଚାରପତି ଜଷ୍ଟିସ ଅରୁଣ କୁମାର ତ୍ୟାଗୀ ଏବଂ ବିଶେଷଜ୍ଞ ସଦସ୍ୟ ଈଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଶୁଣାଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଓ ଆଶୁତୋଷ ପାଢ଼ୀ ଯୁକ୍ତି ଉପସ୍ଥାପନ କରିଥିଲେ । ପୂର୍ବରୁ ତିନି ତିନି ଥର ସୁଯୋଗ ଦିଆଯାଇଥିଲେ ମଧ ୬ ନମ୍ବର ପ୍ରତିପକ୍ଷ ତଥା ଝାରସୁଗୁଡା ଡିଏଫଓ ଅଶୋକ ମନୁ ଭଟ୍ଟ ନିଜର ଜବାବ ଦାଖଲ କରିନଥିଲେ । ଏଭଳି ଅନୁପାଳନ ନକରିବା ଯୋଗୁଁ ମାମଲାରେ ଅଯଥା ବିଳମ୍ବ ଏବଂ ଖର୍ଚ୍ଚ ବଢୁଥିବାରୁ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରତିପକ୍ଷ ଝାରସୁଗୁଡା ଡିଏଫଓଙ୍କୁ ଏହି ଜରିମାନା ରାଶି ୨୫ ହଜାର ଟଙ୍କା ଆସନ୍ତା ଏକ ମାସ ମଧ୍ୟରେ ଆବେଦନକାରୀଙ୍କ ଓକିଲଙ୍କ ପାଖରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ସେମାନଙ୍କୁ ଜବାବ ରଖିବା ପାଇଁ ଶେଷ ସୁଯୋଗ ମିଳିଛି । ଏହି ପରିବେଶ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୮, ୨୦୨୬ରେ ଅନୁଷ୍ଠିତ ହେବ । ଅନ୍ୟ ପଟେ ଜଳ ସେଚନ ବିଭାଗ ଅନ୍ତର୍ଗତ ହୀରାକୁଦ ଡ୍ୟାମ ପ୍ରୋଜେକ୍ଟର ଅଧିକାରୀ, ସ୍ଥାନୀୟ ଜନ ପ୍ରତିନିଧି ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡିଶା ମେଟାଲିକ କମ୍ପାନୀ ପରିସରରେ ଥିବା ଭୁତଳ ଗଭୀର ନଳକୂପର ସଂଖ୍ୟା ଗଣନା ସମୟରେ ୨୦ ଟି ରୁ ୧୩ ଟି ବେଆଇନ ଗଭୀର ନଳକୂପ ରହିଥିବାବେଳେ କେବଳ ୭ ଟି ର ଅନୁମତି ରହିଥିବା ବିଷୟରେ ହୀରାକୁଦ ଡ୍ୟାମ ବିଭାଗ ଅଧିକାରୀ ସୂଚନା ଦେଇଥିଲେ ।




## ଓଏଏସ ପରୀକ୍ଷାରେ ଦୀନେଶ ବିଶ୍ୱାଳ କୃତକାର୍ଯ୍ୟ



**ଟାଙ୍ଗୀ / ଖୋର୍ଦ୍ଧା(ଏନ୍.ଏମ୍.) :** ଚଳିତ ବର୍ଷ ଓଡିଶା ସିଭିଲି ସର୍ଭିସ ପରୀକ୍ଷାରେ ଚିଲିକା ବ୍ଲକ ଅନ୍ତର୍ଗତ କଳକଳେଶ୍ୱର ପଂଚାୟତ ତାରିମି ଗ୍ରାମର କୁନଚନ୍ଦ୍ର ବିଶ୍ୱାଳ ଓ ବିଳାସିନୀ ବିଶ୍ୱାଳଙ୍କ ସୁପୁତ୍ର ଦୀନେଶ କୁମାର ବିଶ୍ୱାଳ ୧୨୮ ରାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ଦୀନେଶ ନୌସେନାରେ କାର୍ଯ୍ୟକରି ୨୦୨୪ ରେ ଅବସର ନେଇ ଓପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ । ନିଷ୍ଠା, ଏକାଗ୍ରତା, କଠୋର ପରିଶ୍ରମ ସହ ମାତା ପିତା,ଗୁରୁଜନ ଓ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ଆର୍ଶିବାଦରୁ ଏହି ସଫଳତା ହାସଲ କରିଛି ବୋଲି ସେ ପ୍ରକାଶ କରିଛନ୍ତି । ବିଶେଷଭାବେ ଏହି ସଫଳତା ପଛରେ ସହଧର୍ମିଣୀ କ୍ଷୀତିପ୍ରଭାଙ୍କ ସହଯୋଗକୁ ପ୍ରଶଂସା କରିଥିଲେ । ତାଙ୍କର ଏହି ସଫଳତା ପାଇଂ ଟାଂଗୀ ଆଂଚଳିକ ବରିଷ୍ଠ ନାଗରିକ ମଂଚ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ପ୍ରଶାସନିକ ଅଧିକାରୀ ଭାବେ ସମାଜର ମଙ୍ଗଳ ପାଇଁ ସର୍ବଦା କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିଥିଲେ ।

# ଷୋହଳ ପ୍ରହର ନାମ ସଂକୀର୍ତ୍ତନରେ ୧ ହଜାର ମହିଳା ଉଠାଇଲେ ଘଟ

**ହରି ନାମ ସଂକୀର୍ତ୍ତନରେ ଜମୁଛି ବଜାର**



ବାରିପଦା(ଏନ୍.ଏମ୍.) ମୟୁରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବଜାର ଦୁର୍ଗାମଣ୍ଡପ ପରିସରରେ ଓଁ ଶ୍ରୀ କୃଷ୍ଣରାୟ ମହାପ୍ରଭୁଙ୍କ ଷୋହଳ ପ୍ରହର ଅଖଣ୍ଡ ନାମ ସଂକିର୍ତ୍ତନ ଶୁଭାରମ୍ଭ ହୋଇଛି । ହରିନାମରେ ଜମୁଛି ବାଙ୍ଗିରିପୋଷି ବଜାର । ମଙ୍ଗଳବାର ଦିନ ଗୋଳାମୁଣ୍ଡା କଟା ପଞ୍ଚାୟତର କୃଷ୍ଣ ରାୟ ମନ୍ଦିର ରୁ କୃଷ୍ଣ ଓ ରାଧାଙ୍କୁ ପାଲିଙ୍କିରେ ଶତାଧିକ ଭକ୍ତ ମାନେ ବହୁ ଆଡମ୍ବର ରେ ଆଣିଥିବା ବେଳେ ବୁଧବାର ଦିନ ସକାଳ ୭ ଘଟିକା ସମୟରେ ବିଧାୟିକା ସଞ୍ଜଲୀ ମୁର୍ମୁଙ୍କ ତତ୍ୱାବଧାନରେ କାଳିଆମି ଗ୍ରାମ ସ୍ଥିତ ବୁଢାବଳଙ୍ଗ ନଦୀରୁ ୧ ହଜାରରୁ ଉର୍ଦ୍ଧ୍ୱ ମହିଳା ଭକ୍ତ ଘଟୋତ୍ତଳନ କରି ୩ କି.ମି ଦୂର ବାଙ୍ଗିରିପୋଷି ବଜାର ସ୍ଥିତ ଦୁର୍ଗାମଣ୍ଡପକୁ କଳସ ଆଣିଥିଲେ । ଏଥିରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ର ତିନି ବ୍ଲକର ମହିଳା ମାନେ ଘଟ ଉତ୍ତୋଳନ ରେ ସାମିଲ ଥିବା ଦେଖା ଯାଇଛି । ବାଙ୍ଗିରିପୋଷି ଦୁର୍ଗାମଣ୍ଡପରେ ୬ ଟି ସଂକିର୍ତ୍ତନ ଦଳ ଯଥା- କୁଆମରା ସଂକୀର୍ତ୍ତନ ମଣ୍ଡଳୀ (ମହିଳା), ସପ୍ନା ସଂକୀର୍ତ୍ତନ ମଣ୍ଡଳୀ(ବରଗଡ), ବେଲବରିଆ ସଂକୀର୍ତ୍ତନ ମଣ୍ଡଳୀ (ବେଙ୍ଗଲ), ମଙ୍ଗଳପୁର ସଂକୀର୍ତ୍ତନ ମଣ୍ଡଳୀ (ସୋର), ମୋରଡା ସଂକୀର୍ତ୍ତନ ମଣ୍ଡଳୀ (ମହିଳା), ନୂଆଗାଁ ସଂକୀର୍ତ୍ତନ ମଣ୍ଡଳୀ (ଭୂର୍ଷାଣୀ) ଏହି ଷୋହଳ ପ୍ରହର ନାମ ଯଜ୍ଞ ସଂକୀର୍ତ୍ତନରେ ଭାଗ ନେଇଛନ୍ତି । ପ୍ରଭୁଙ୍କ ସଂକୀର୍ତ୍ତନରେ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତିରେ ବାଙ୍ଗିରିପୋଷିକୁ ଗୌରାବନୀତ କରିଥିଲେ । ବିଶେଷ ଆକର୍ଷଣ ପାଇଁ ପ୍ରତିଦିନ ବାଙ୍ଗିରିପୋଷି ବସଷ୍ଟାଣ୍ଡ ନିକଟରେ କଳା କୁଞ୍ଜ କାର୍ଯ୍ୟକ୍ରମ ଚାଲୁ ରହିଛି । ସୁଗଦା ମୁର୍ମୁ, ଦୋଳଗୋବିନ୍ଦ ବେହେରା, ଶୁଶିଲ ଅଗ୍ରୱାଲ, ଜହର ସତପଥି, ବିଜୁ ମହତା, ପ୍ରଦୀପ ମହାପାତ୍ର, ସୁନୀଲ କଲିଆ, ପ୍ରିତୀଶ କୁମାର ମହାନ୍ତ, ଆଦିତ୍ୟ ସ୍ୱାଇଁ, ସୁବ୍ରତ ବସା, ବିଜୟ କୁମାର ଦତ୍ତ ସହିତ ବାଙ୍ଗିରିପୋଷିର ବହୁ ଯୁବଗୋଷ୍ଠୀ ଓ ଗ୍ରାମବାସୀ ସହଯୋଗ କରିଛନ୍ତି । ସ୍ଥାନୀୟ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଥାନା ଅଧିକାରୀ ପଞ୍ଚାନନ ମହାନ୍ତି କରିଛନ୍ତି । ବଜାରକୁ ଆକର୍ଷଣ କରିବା ପାଇଁ ସଂପୂର୍ଣ୍ଣ ବଜାର ରେ ହରିନାମ ଶୁଣିବା ପାଇଁ ପ୍ରତ୍ୟେକ ଇଲକେଟ୍ରି ଖୁଣ୍ଟିରେ ମାଇକ ବନ୍ଧାଯିବା ସହିତ ବଜାରକୁ ସଂପୂର୍ଣ୍ଣ ଭାବେ ଆଲୋକମୟ କରାଯାଇଛି ।

## ରାଉରକେଲା ହକର୍ସ ଆସୋସିଏସନ୍ ପକ୍ଷରୁ ଆନ୍ତର୍ଜାତୀୟ ହକର ଦିବସ




**ରାଉରକେଲା (ଏନ୍.ଏମ୍.):** ମେ ୨୬ ଅନ୍ତର୍ଜାତୀୟ ହକର ଦିବସ ଅବସରରେ ରାଉରକେଲା ହକର୍ସ ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ଶ୍ରମିକ ଭବନ, ସେକ୍ଟର -୧୬ ଠାରେ ଅନୁଷ୍ଠିତ ହୋଇଯାଇଛି । ଦିବସ ପାଳନ ପୂର୍ବରୁ ଆସୋସିଏସନର ସଭାପତି ତଥା ସି ଆଇ ଟି ୟୁ ରାଷ୍ଟ୍ରୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତିଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରାଯିବା ସହ ତାଙ୍କର ଅମ୍ଳାନ ସ୍ମୃତି ରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ରାଉରକେଲା ହକର୍ସ ଆସୋସିଏସନ୍ ର ଉପ ସଭାପତି ମିହିର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସୋସିଏସନର ସାଧାରଣ ସମ୍ପାଦକ ତଥା ସି ଆଇ ଟି ୟୁ ରାଜ୍ୟ ଉପସଭାପତି ବିମାନ ମାଇତି, ରାଜ୍ୟ ସଂପାଦକ ବସନ୍ତ ନାୟକ, ଆଇନ୍ ଉପଦେଷ୍ଟା ଏଡଭୋକେଟ ରାଜ କିଶୋର ପ୍ରଧାନ,ଶରତ ପଣ୍ଡା, କିଶୋର ରାଉତ, ଅଶେଷ ବିଶ୍ୱାଳ, ଆର୍ତ୍ତତ୍ରାଣ ବେହେରା, ଶୁଭେନ୍ଦୁ ପାତ୍ର, ମନୋଜ ପଟ୍ଟନାୟକ, ଅନିରୁଦ୍ଧ ଜେନା,ବାଦଲ ଘୋଷ,ଆନନ୍ଦ କୋଲେ, ଅଶୋକ ସାହୁ, ସମୀର ରାଜହଂସ,ବ୍ରଜ କିଶୋର ନାୟକ, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାସ, କୁଞ୍ଜବିହାରୀ ରାଉତ, ସଂଗ୍ରାମ ଭୂୟାଁ, ସସ୍ମିତା ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଖବରକାଗଜ ବିକ୍ରେତା ମାନଙ୍କ ସମ୍ମାନଜନକ ଜୀବନ ଓ ବଂଚିବାର ଅଧିକାର ପାଇଁ ଆନ୍ଦୋଳନକୁ ଆଗାମୀ ଦିନରେ ତୀବ୍ର କରିବା ସହିତ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ କରିଥିଲେ । ଏହି ଅବସରରେ ୪ ଜଣ ଆସୋସିଏସନର ବରିଷ୍ଠ ସଦସ୍ୟ ହରେକୃଷ୍ଣ ମାଣିକ,କେଶବ ଜେନା, ଶିବାନନ୍ଦ ସାହୁ, ନିରଞ୍ଜନ ସାମଲ ପ୍ରମୁଖଙ୍କୁ ବରିଷ୍ଠ ସଦସ୍ୟ ଭାବରେ ଆସୋସିଏସନର ସାଧାରଣ ସମ୍ପାଦକ ବିମାନ ମାଇତି ଓ ଅନ୍ୟାନ୍ୟ ନେତୃତ୍ୱ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

## ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତିଙ୍କ ବିନିକା ଆର୍‌ଏମ୍‌ସି ଧାନମଣ୍ଡି ପରିଦର୍ଶନ




**ସୁବର୍ଣ୍ଣପୁର (ଏନ୍.ଏମ୍.):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଆର୍ ଏମ୍ ସି ଧାନ ମଣ୍ଡି କୁ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ଶେଖର ପାଢ଼ୀ ପରିଦର୍ଶନରେ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ । ଚାଷୀ ମନେ ଧାନ କିପରି ଭାବରେ ସୁରୁଖୁରୁରେ ମଣ୍ଡିରୁ ଧାନ ଉଠି ପାରିବ, ଚାଷୀ ପଞ୍ଜିକରଣ କରିଥିବା ସବୁ ଚାଷ ଜମି ର ଟୋକନ ଦେବାକୁ ଚାଷୀ ମାନେ ଦାବି କରିଛନ୍ତି । ସେଥିପ୍ରତି ଗୁରୁତ୍ୱ ଦେବାକୁ କହିବା ସହ କେତକ ସ୍ଥାନରେ ମହିଳା ଗୋଷ୍ଠୀ ଚାଷୀ ମାନଙ୍କ ଧାନକ୍ରୟ ପାଇଁ ପଞ୍ଜୀକୃତ କରିଥିବା ବେଳେ ଧାନ କିଏ କିଣିବ ତାହା ପ୍ରଶାସନ ପକ୍ଷରୁ ସୂଚନା ମିଳିପାରି ନାହିଁ । ମଣ୍ଡି ଆରମ୍ଭ ହେବା ସତ୍ୱେ କେତେକ ଚାଷୀଙ୍କ ଟୋକାନ ଆସିନାହିଁ । ଫଳରେ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ବୋଲି ଚାଷୀ ମାନେ ରାଜ୍ୟ ସଭାପତିଙ୍କୁ ପଚାରିଥିଲେ । ରାଜ୍ୟ ସଭାପତି ଶ୍ରୀ ପାଢ଼ୀ ଚାଷୀମାନଙ୍କ ସହିତ ଆଲୋଚନା କରି ସରକାରଙ୍କୁ ଜଣାଇ ଧାନ କିଣା ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି । ରାଜ୍ୟ ସଭାପତି ଶ୍ରୀ ପାଢ଼ୀଙ୍କ ଗସ୍ତ ସମୟରେ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ମିଶ୍ର, ଆର୍ତ୍ତବନ୍ଧୁ ପୃଷ୍ଟି, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଅଶୋକ ପୃଷ୍ଟି, ଡିଏଲପିସି ସଭ୍ୟ ଶିବରାଜ ବେହେରା, ଚରଦେଇ ମଣ୍ଡଳ ସଭାପତି ଉଦ୍ଧବ ମହାକୁର, ଭୁବନେଶ୍ୱର ପାତ୍ର, ବିନିକା ପେକ୍ସର ସମ୍ପାଦକ ପ୍ରଶାନ୍ତ ନାୟକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଚିକିଟି ସମ୍ବାଦ ସାହିତ୍ୟଘରର ବାର୍ଷିକୋତ୍ସବ



**ଚିକିଟି (ଏନ୍.ଏମ୍.) :** ନୂତନ ଚିନ୍ତାଧାରା ଓ ସୃଜନଶୀଳତାର ଜନ୍ମସ୍ଥଳୀ ହେଉଛି ସାହିତ୍ୟ ସଭା । ଏହି ମତ ପ୍ରକାଶ ପାଇଥିଲା ସୁନାପୁର ବେଳା ଭୂମିରେ ଅନୁଷ୍ଠିତ ହୋଇଥିବା ସମ୍ବାଦ ସାହିତ୍ୟଘର ଚିକିଟିର ଏକାଦଶତମ ବାର୍ଷିକୋତ୍ସବରେ ମଞ୍ଚାସୀନ ଥିବା ଅତିଥିମାନଙ୍କ ବକ୍ତବ୍ୟରୁ । ଅନୁଷ୍ଠାନର ସଭାପତି ଦୁର୍ଗାପ୍ରସାଦ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି ଚିକିଟି ସମ୍ବାଦ ସାହିତ୍ୟଘରର ସମାବର୍ତ୍ତନ ଦିବସ । ମୁଖ୍ୟଅତିଥି ଭାବରେ ମଞ୍ଚାସୀନ ଥିଲେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସମ୍ମାନିତ ଅତିଥି ରୂପେ ସମଦୃଷ୍ଟି ପତ୍ରିକାର ସମ୍ପାଦକ ବିଘ୍ନେଶ୍ୱର ସାହୁ, ଆଭା ପତ୍ରିକାର ସମ୍ପାଦିକା ଶ୍ରୀମତୀ ଗୌରପ୍ରିୟା ଦାସ,ବ୍ରହ୍ମପୁର ସାହିତ୍ୟ ପରିଷଦର ସଭାପତି କବି ସୁଶାନ୍ତ ଦାସ, ଏବଂ ଅଧ୍ୟାପକ ତ୍ରିଲୋଚନ ଦାଶ । ସ୍ୱାଧୀନତା ସଂଗ୍ରାମୀ ଦିବାକର ପଟ୍ଟନାୟକ ସ୍ମୃତି ସମ୍ମାନ ସାମାଜିକ ଅନୁଷ୍ଠାନ ଗୋପବନ୍ଧୁ ସେବା ସମିତି, ଚିକିଟିଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ସାହିତ୍ୟିକ ଇଂ ଉମେଶ ଚରଣ ପାଢୀ ସ୍ମୃତି ସମ୍ମାନ କବି ତ୍ରିପତି ପ୍ରଧାନ ପାଇଥିଲେ । ଅନୁଷ୍ଠାନର ସଂଯୋଜକ ବିଭୂଧେନ୍ଦ୍ର ପାଢୀ,ଡ. ସଞ୍ଜୟ କୁମାର ପଣ୍ଡାଙ୍କ ସମ୍ପାଦନାରେ ପ୍ରସ୍ତୁତ ସମ୍ବାଦ ସାହିତ୍ୟ ଘରର ମୁଖପତ୍ର ‘ଶୁଭଲଗ୍ନ’ ଲୋକାର୍ପଣ କରାଯାଇଥିଲା । ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବ ପର୍ବରେ ୫୬ ଜଣ କବି ନିଜର ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅଧିବେଶନରେ ମଞ୍ଚାସୀନ ଥିଲେ ଡ. ଦେବଦତ୍ତ ଚୌଧୁରୀ, ଡ.ମନୋଜ କୁମାର ଭୋଇ,ଡ. ଶୁଭେନ୍ଦୁ ମେହେର, ଶ୍ରୀମତୀ ଜୟଶ୍ରୀ ପଟ୍ଟନାୟକ, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ବେହେରା ଏବଂ ବିଜୟ କୁମାର ପାଢ଼ୀ । ମଞ୍ଚାସୀନ ଅତିଥିବୃନ୍ଦ ଓଡ଼ିଆ କବିତାର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ । ପଠିତ ସମସ୍ତ କବିତାକୁ ସଂଯୋଜନା କରିଥିଲେ ସୁଶ୍ରୀ ସାଗରିକା ଆଚାର୍ଯ୍ୟ ଏବଂ ଜୟଶ୍ରୀ ପଟ୍ଟନାୟକ । ସୁନାପୁର ଅଞ୍ଚଳର ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ସହ ଅନୁଷ୍ଠାନର କୋଷାଧ୍ୟକ୍ଷ ରମାକାନ୍ତ ବେହେରା, ପୂର୍ବତନ ସଭାପତି ନିଗମାନନ୍ଦ ପଣ୍ଡା ମନୋଜ କୁମାର କୁଣ୍ଡ, ଶିବରାମ ସାହୁ, କୁରେଶୁ ମହାରଣାଙ୍କ ପାଇଁ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଥିଲା ବୋଲି ପ୍ରକାଶ ।

## ଥାନା ସମ୍ମୁଖରେ ଧାରଣା ଦେଲେ ଶତାଧିକ ଗ୍ରାମବାସୀ




**ବଡ଼ଚଣା(ଏନ୍.ଏମ୍.) :** ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ସିହା ପଞ୍ଚାୟତ କର୍ମିରା ଗ୍ରାମରେ ବିନାଫଳକରେ ମନରେଗା ଯୋଜନାରେ ମେସିନ ସାହାଯ୍ୟରେ ଗୋଚର ଓ ଜଙ୍ଗଲ ଜମି ଉପରେ ଖେଳପଡିଆ କାର୍ଯ୍ୟ ଚାଲୁଥିବା ସମୟରେ ଗ୍ରାମର କିଛି ଯୁବକ ପ୍ରତିବାଦ କରିଥିଲେ । ଯାହା ଫଳରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା । ଏହି ବଚସାକୁ ନେଇ ଦୁଇ ଗୋଷ୍ଠୀ ବଡ଼ଚଣା ଥାନାରେ ଏତଲା ଦେଇଥିଲେ । ଏହି ଘଟଣାର ସଠିକ ତଦନ୍ତ ନକରି ବଡ଼ଚଣା ପୋଲିସ ତରଫରୁ ପକ୍ଷପାତ କରି ଗୋଟେ ଗୋଷ୍ଠୀର ଗତକାଲି ରାତିରେ ଦୁଇଜଣଙ୍କୁ ଉଠାଇ ଆଣି ଅଟକ ରଖିଛନ୍ତି ବୋଲି ଅଭିଯୋଗ ଆସିଛି । ଏହି ସମ୍ବନ୍ଧରେ ପୋଲିସକୁ ପଚାରିବାରୁ ପୋଲିସ କୌଣସି କର୍ଣ୍ଣପାତ କରୁନାହାନ୍ତି । ଗ୍ରାମବାସୀମାନଙ୍କ କହିବା କଥା ଯେ କାହିଁକି ଉଭୟ ପକ୍ଷ ଏତଲା ଦେଇଥିବା ବେଳେ ପୋଲିସ ଅପର ପକ୍ଷଙ୍କୁ ଗିରଫ କରୁ ନାହିଁ ପଚାରିବାରୁ କୌଣସି ଉତ୍ତର ନମିଳିବାରୁ କର୍ମିରା ଗ୍ରାମର ଶତାଧିକ ଗ୍ରାମବାସୀ ବଡ଼ଚଣା ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି । ଯେ ପର୍ଯ୍ୟନ୍ତ ସଠିକ ତଦନ୍ତ କରି ପୋଲିସ ଉପଯୁକ୍ତ ପଦକ୍ଷପ ଗ୍ରହଣ ନ କରିଛି ସେପର୍ଯ୍ୟନ୍ତ ଏମାନେ ଧାରଣାରେ ବସି ରହିବେ ବୋଲି ମତ ପ୍ରକାଶ କରିଛନ୍ତି ।

## ସିଭିଲ୍ ଟାଉନସିପ୍ ଶନି ମନ୍ଦିରରେ ସ୍ଥାୟୀ ଥଣ୍ଡା ପାନୀୟ ଜଳ ବିତରଣ



**ରାଉରକେଲା(ଏନ୍.ଏମ୍.):** ଶିଳ୍ପପତି ଦିପ୍ତୀ ରଞ୍ଜନ ପଟ୍ଟନାୟକଙ୍କ ପିତାମାତାଙ୍କ ସ୍ମୃତିରେ ସିଭିଲ୍ ଟାଉନସିପ୍ ସ୍ଥିତ ଶନି ମନ୍ଦିରରେ ଏକ ସ୍ଥାୟୀ ଥଣ୍ଡା ପାନୀୟ ଜଳ ବିତରଣ କେନ୍ଦ୍ର ଉଦ୍ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିଡବ୍ଲୁଡି ଅଧିକାରୀ ଜସସ୍ୱିନୀ ମିଶ୍ର ଫିତା କାଟି ପୂଜାର୍ଚ୍ଚନା ସହ ଉଦ୍ଘାଟନ କରିଥିଲେ । ଡି.ଆର. ପଟ୍ଟନାୟକଙ୍କ ପ୍ରଶଂସକଙ୍କ ସହ ସମାଜସେବୀ ସୁରେଶ ଶର୍ମା, ଶନି ମନ୍ଦିର କମିଟି ସଭାପତି ପ୍ରକାଶ ମହାନ୍ତି, ରଜନୀକାନ୍ତ ବିଶ୍ୱାଳ, ସମାଜସେବୀ ଓ ପି ସିଂହ, ରିଷି ସେବକ ଓ ରିଙ୍କୁ ଅଗ୍ରୱାଲ ଏହି ଅବସରରେ ଉପସ୍ଥିତ ଥିଲେ । ସୁରେଶ ଶର୍ମା ସମସ୍ତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଲଡୁ ବଣ୍ଟନ କରିଥିଲେ । ପ୍ରକାଶ ମହାନ୍ତି ମୁଖ୍ୟ ଅତିଥିଙ୍କୁ ଶାଲ୍ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଶିଳ୍ପପତି ଶ୍ରୀ ପଟ୍ଟନାୟକଙ୍କ ପକ୍ଷରୁ ରାଉରକେଲାର ବିଭିନ୍ନ ସ୍ଥାନରେ ସ୍ଥାୟୀ ଥଣ୍ଡା ପାନୀୟ ଜଳ ବିତରଣ ସ୍ଥାପନ କରାଯାଇଛି ଏବଂ ଆବଶ୍ୟକ ସ୍ଥାନରେ ଆହୁରି ସ୍ଥାପନ କରାଯିବ ବୋଲି ସୂଚନା ଦିଆଯାଇଛି ।

## ବିଜେଡି ଛାଡି ବିଜେପିରେ ମିଶିଲେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଓ ପଞ୍ଚାୟତ ସଭାପତି



**କେନ୍ଦ୍ରାପଡ଼ା(ଏନ୍.ଏମ୍.):** ବିଜେଡି ଛାଡି ବିଜେପିରେ ମିଶିଛନ୍ତି ୮ ନଂ ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା, ପୂର୍ବତନ ସରପଞ୍ଚ ଶ୍ରୀମତୀ ସାହୁ । ସେହିପରି ଏହି ଅବସରରେ ବିଜେଡିର ବରିଷ୍ଠ ନେତା ତଥା ବିଜେଡିର ବଗଡ଼ା ପଞ୍ଚାୟତ ସଭାପତି ସୁରେନ୍ଦ୍ର ସାହୁ ମଧ୍ୟ ବିଜେପିରେ ମିଶିଛନ୍ତି । ଉଭୟେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ମିଶିଥିବା ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ବିଜେଡିରେ ସେମାନଙ୍କୁ ଉପେକ୍ଷା କରାଗଲା । ଏହାସହ ରାଜ୍ୟରେ ବିଜେପି ସରକାର ସ୍ୱଚ୍ଛ ଶାସନ ଚଳାଇଥିବାରୁ ସେମାନେ ଏଥିରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି । ଆଗାମୀ ଦିନରେ ସେମାନଙ୍କ ଶତାଧିକ ଅନୁଗାମୀ ମିଶିବେ ବୋଲି ସେମାନେ ପ୍ରକାଶ କରିଛନ୍ତି । ବିଜେପି କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ମୁଖ୍ୟ ପରାମର୍ଶଦାତା ଅମୀୟ ଜେନାଙ୍କ ଉପସ୍ଥିତିରେ ସେମାନେ ବିଜେପିରେ ମିଶିଛନ୍ତି । ତୃଣମୂଳ ସ୍ତରରେ ବିଜେପିକୁ ଅଧିକ ସକ୍ରିୟ ଓ ମଜଭୁତ କରିବା ପାଇଁ ଏହି ପ୍ରୟାସ ଜାରି ରହିଛି । ଆଗାମୀ ଦିନରେ ହଜାର ହଜାର ବିଜେଡି ନେତା ଓ କର୍ମୀ ବିଜେପିରେ ଯୋଗଦେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଛନ୍ତି ଓ ଏନେଇ ସେମାନେ ପ୍ରତିଶୃତି ଦେଇଛନ୍ତି ବୋଲି ଶ୍ରୀ ଜେନା ଗଣମାଧ୍ୟମକୁ ଏକ ପ୍ରେସ ବିବୃତ୍ତିରେ ପ୍ରକାଶ କରିଛନ୍ତି । ଏହି ମିଶ୍ରଣ ପର୍ବ ଅବସରରେ ବିଜେପି ଜିଲ୍ଲା କାର୍ଯ୍ୟନିର୍ବାହୀ ସଦସ୍ୟ ମନୋରଞ୍ଜନ ସାମଲ, ଜିଲ୍ଲା ଏସସି ମୋର୍ଚ୍ଚ ଉପସଭାପତି ସ୍ୱରାଜ ମଲ୍ଲିକ, ବରିଷ୍ଠ ବିଜେପି ନେତା ତଥା ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଭାତ ରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ । ଶ୍ରୀମତୀ ସାହୁ କହିଛନ୍ତି ଖୁବ ଶୀଘ୍ର ବଗଡ଼ା ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ବିଜେପିରେ ସାମିଲ ହେବେ । ରାଜ୍ୟରେ ଚାଲିଥିବା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଲୋକପ୍ରିୟ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ମିଶିଥିବା ପ୍ରକାଶ କରିଛନ୍ତି ।

## ପିକ୍‌ଅପ୍ ଗାଡି ସହ ମିକ୍ସଚର ମେସିନ୍ ଓଲଟି ଦୁଇ ମୃତ ଓ ଦୁଇ ଗୁରୁତର

## ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଳମ୍ବରେ ଆମ୍ବୁଲାନ୍ସରେ ଆହତଙ୍କୁ ପଠାଗଲା



**ରାଜନଗର(ଏନ୍.ଏମ୍.) :** ରାଜନଗର ବ୍ଲକ ଡେରା ପଚାଂୟତ ଗୋଖଣୀ ଗ୍ରାମରେ ପକ୍କାଘର ଛାତ ପକାଇ ସାରିବା ପରେ ଶ୍ରମିକମାନେ ପିକଅପ ଗାଡିରେ ସମସ୍ତ ସରଂଜାମ ଭର୍ତ୍ତିକରି ଶ୍ରମିକମାନେ ମୁଗକଣୀ ଗାଁ ନିକଟରୁ ସଂଯୋଗ ହୋଇଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତାରେ ଫେରୁଥିଲେ । ସେହି ଗାଡି ପଛରେ ମିକ୍ସଚର ମେସିନ ମଧ୍ୟ ସଂଯୋଗ ହୋଇଥିଲା । ମୁଗକଣୀ ମୁଖ୍ୟ ରାସ୍ତା ପୂର୍ବରୁ ଗାଡିଟି ଭାରସାମ୍ୟ ହରାଇ ୭/୮ଫୁଟ ଗଭୀରରେ ଥିବା ଚାଷଜମି ମଧ୍ୟକୁ ଓଲଟି ପଡିଥିଲା । ଗାଡି ଭିତରେ ଥିବା ଶ୍ରମିକମାନେ ତଳେ ପଡି ଯାଇଥିଲେ । ସେମାନଙ୍କ ଉପରେ ପିକଅପ ଗାଡି ସହ ସମସ୍ତ ସରଂଜାମ ଲଦି ହୋଇପଡିଥିଲା । ନିଛାଟିଆ ରାସ୍ତା ହୋଇଥିବାରୁ କେହି ଲୋକ ନଥିବାରୁ ଶ୍ରମିକମାନେ ଯନ୍ତ୍ରଣାରେ ଚିତ୍କାର କରୁଥିଲେ ମଧ୍ୟ ଉଦ୍ଧାର କରିବାକୁ କରିବାକୁ କେହି ନଥିଲେ । କିଛି ସମୟ ପରେ ମୁଖ୍ୟ ରାସ୍ତାରେ ଆସୁଥିବା ଦିଲ୍ଲୀପ ପାଲ(ମୁନ୍ନା), ନୁରୁଗାଁର ଗଣେଷ ବଳଙ୍କ ସହ ମାଳିପୁର ପ୍ରମେୟ ପ୍ରତିନିଧି ସନ୍ତୋଷକୁମାର ପତି, ରାଜନଗର ଗ୍ରାମର ବିନୋଦ ସାହୁ ଓ ଅନ୍ୟମାନେ ପହଂଚି ଶ୍ରମିକମାନଙ୍କ ଉପରେ ପଡିଥିବା ସରଂଜାମକୁ ବାହାର କରି ସେମାନଙ୍କୁ ଉଦ୍ଧାର କରିଥିଲେ । ଘଟଣାସ୍ଥଳରେ ଚିଟିଂରୀ ଗ୍ରାମର କୁମର ବାରିକ(୪୫) ଓ ଗୋଖଣୀ (ଡାହାଣୀଆରି)ଗ୍ରାମର ସୁମନ୍ତ ମହାନ୍ତି(୪୦) ଦୁଇଜଣ ମୃତ୍ୟୁବରଣ କରିଥିଲେ । ଉଦ୍ଧାର ହୋଇଥିବା ଦୁଇ ଶ୍ରମିକ ଚିଟିଂରୀ ଗ୍ରାମର ଅମର ବାରିକ ଓ ଦେବେନ୍ଦ୍ର ନାରାୟଣପୁର ଗ୍ରାମର ଗୌରାଙ୍ଗ ମଣ୍ଡଳଙ୍କର ଗୋଡ ଭାଙ୍ଗି ଯାଇଥିଲା । ଆହତଙ୍କୁ ଅପରାହ୍ନ ପ୍ରାୟ ୩ଟା ୪୦ ସମୟରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଟା ଗାଡି ଥିଲେ ମଧ୍ୟ ଆହତଙ୍କୁ ପ୍ରାୟ ୫ଟା ୪୦ରେ କେନ୍ଦ୍ରାପଡାରୁ ଆମ୍ବୁଲାନ୍ସ ଆସିବା ପରେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗାଡି ଥାଉଁ ଥାଉଁ କାହିଁକି ମେଡିକାଲ ଅଫିସର ଗୁରୁତର ଆହତମାନଙ୍କୁ ବିଳମ୍ବରେ ପଠାଇଲେ, ତାହା ତଦନ୍ତ ସାପେକ୍ଷ । ରାଜନଗର ପୋଲିସ ଘଟଣାସ୍ଥଳରେ ପହଂଚି ଗାଡିକୁ ଜବତ କରିବା ସହ ଡ୍ରାଇଭରକୁ ଥାନାକୁ ଆଣି ଅଟକ ରଖିଛି । ମୃତ ବ୍ୟକ୍ତିଙ୍କ ଶବକୁ ଜବତ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବାଗାରରେ ରଖାଯାଇଛି । ଗୁରୁବାର ଦିନ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି । ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ୨୦୨୮ ସୁଦ୍ଧା ଉତ୍ପାଦନ ...

ମାଧ୍ୟମରେ ପ୍ରାୟ ୨ ଲକ୍ଷ ୩୭ ହଜାର ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି । ଦେଶର ବିଭିନ୍ନ ପ୍ରମୁଖ ସହର ଯଥା ହାଇଦ୍ରାବାଦ, କୋଲକାତା ଓ ଗୁଜରାଟ ଗସ୍ତ କରି ସେ ପ୍ରାୟ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆଣିବାରେ ସଫଳ ହୋଇଥିବା ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଥିବା ସ୍ନେହ ଏବଂ ତାଙ୍କର 'ଯହି ସମୟ ହେ, ସହି ସମୟ ହେ' ଆହ୍ୱାନ ଯୋଗୁଁ ନିବେଶକମାନେ ଏବେ ଓଡ଼ିଶା ମୁହାଁ ହେଉଛନ୍ତି ବୋଲି ସେ କହିଥିଲେ । ପାରାଦୀପର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଗୁଜରାଟର ମୁନ୍ଦ୍ରା ବନ୍ଦର ଶୈଳୀରେ ଟୁ କଷ୍ଟ ଷାଟେର୍ଜି ବା ଦୁଇ ଉପକୂଳ ବିକାଶ ରଣନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' କଳ୍ପନାରେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରିବେ, ଯେଉଁଥିରେ ପାରାଦୀପ ସବୁଠାରୁ ଶୀର୍ଷରେ ରହିବ । ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ରିଫାଇନାରୀ ଏବଂ ପେଟ୍ରୋ କେମିକାଲ୍ସ କମ୍ପ୍ଲେକ୍ସ ପରେ ଏବେ ଏକ କ୍ରୁଜ୍ ଟର୍ମିନାଲ୍ ଏବଂ ମେଗା ଜାହାଜ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ଏହା ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଥିବା ୫ ହଜାର କୋଟି ଟଙ୍କା ଅନୁଦାନରେ ପାରାଦୀପ-କଟକ-ଭୁବନେଶ୍ୱର-ପୁରୀ ଅର୍ଥନୈତିକ କରିଡର ନିର୍ମାଣ ହେବ, ଯେଉଁଥିରେ ପାରାଦୀପ 'ମୁଖଶାଳା' ସାଜିବ । ଆଗାମୀ କିଛି ବର୍ଷ ମଧ୍ୟରେ କେବଳ ପାରାଦୀପ ଅଞ୍ଚଳରେ ୧ ଲକ୍ଷରୁ ଅଧିକ ନୂତନ ନିଯୁକ୍ତି ସୃଷ୍ଟି ହେବ । ପରିଶେଷରେ, 'ବାଣିଜ୍ୟେ ବସତେ ଲକ୍ଷ୍ମୀ' ନୀତିକୁ ଆଧାର କରି ୨୦୩୬ ସୁଦ୍ଧା ଓଡ଼ିଶା ଗଠନର ଶତାବ୍ଦୀ ପୂର୍ତ୍ତି ଅବସରରେ ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ଓ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଉକ୍ତ କାର୍ଯ୍ୟାରମ୍ଭ ଉତ୍ସବରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ଏବଂ ସମଗ୍ର ଜଗତସିଂହପୁର ଜିଲ୍ଲାର ଔଦ୍ୟୋଗିକ ବିକାଶ ପାଇଁ ଏହାକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ଅଭିହିତ କରିଛନ୍ତି । ନିଜ ଅଭିଭାଷଣରେ ସେ କହିଛନ୍ତି ଯେ, ସ୍ଥାନୀୟ ଜନସାଧାରଣ ଯେଉଁ ସ୍ୱପ୍ନ ଦୀର୍ଘ ଦୁଇ ଦଶନ୍ଧି ଧରି ଦେଖିଥିଲେ, ତାହା ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଦ୍ରୁତ ଏବଂ ସ୍ୱଚ୍ଛ ନୀତି ଯୋଗୁଁ ବାସ୍ତବ ରୂପ ନେବାକୁ ଯାଉଛି । ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଶେଷ କରି ସ୍ଥାନୀୟ ଯୁବକଯୁବତୀଙ୍କ ନିଯୁକ୍ତି ଏବଂ କ୍ରାନ୍ତିକାରୀ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି ।ରାଜ୍ୟରେ ଶିଳ୍ପାୟନର ବାତାବରଣକୁ ଅଧିକ ସୁଦୃଢ଼ କରିବା ସହ ନିବେଶକମାନଙ୍କୁ ସମସ୍ତ ପ୍ରକାର ଆନୁଷଙ୍ଗିକ ସହାୟତା ଏବଂ ସୁରକ୍ଷା ଯୋଗାଇ ଦେବା ପାଇଁ ଶିଳ୍ପ ବିଭାଗ ଦିନରାତି କାର୍ଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି । ଜେଏସ୍ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ କରାଯାଉଥିବା ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ଏହି ବିଶାଳ ପୁଞ୍ଜି ନିବେଶ ଓଡ଼ିଶାର ଅର୍ଥନୀତିକୁ ଏକ ନୂତନ ଗତି ପ୍ରଦାନ କରିବ ବୋଲି ମନ୍ତ୍ରୀ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି । ଏହି ସମାରୋହରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏବଂ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହା ସହିତ ରାଜ୍ୟ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଔଝଡ ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ଜେଏସ୍ଡବ୍ଲ୍ୟୁ ସିଇଓ ଜୟନ୍ତ ଆଚାର୍ଯ୍ୟ ଏବଂ ର ସଭାପତି ଅନୀଲ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଞ୍ଚ ବର୍ଷରେ ସାର୍ଥକ ପିଡିଏସ୍ ପାଇଁ ଖର୍ଚ୍ଚହେବ ...

ବ୍ଲକ ଏବଂ ଶେଷରେ ରାସନ ଦୋକାନଗୁଡ଼ିକୁ ଖାଦ୍ୟ ଶସ୍ୟ ପରିବହନ କରିବାରେ ରାଜ୍ୟ ସରକାରମାନେ ଆର୍ଥିକ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିଲେ । କେନ୍ଦ୍ର ସରକାର ଏବେ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବେ ।"ଦ୍ୱିତୀୟ ପରିବର୍ତ୍ତନରେ ରାସନ ଦୋକାନୀ (ଡିଲର)ଙ୍କୁ ଦିଆଯାଉଥିବା କମିଶନ ବୃଦ୍ଧି କରାଯାଇଛି । କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି, "ରାସନ ଡିଲରଙ୍କ କମିଶନ ବହୁତ ଦିନ ଧରି ସଂଶୋଧନ କରାଯାଇ ନଥିଲା । ଡିଲରଙ୍କ କମିଶନ ବୃଦ୍ଧି କରିବା ପାଇଁ ଲଗାତାର ଦାବି ହୋଇ ଆସୁଥିଲା । ଆଜି, ଏହି ଦାବିକୁ ଗ୍ରହଣ କରି, ସରକାର ସେମାନଙ୍କର କମିଶନ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି ।"

## ଟ୍ରମ୍ପଙ୍କ ଆବ୍ରାହମ ଚୁକ୍ତି ପ୍ରସ୍ତାବକୁ ...

ଆବ୍ରାହିମ ଚୁକ୍ତିରେ ଯୋଗ ଦେଇ ସମ୍ପର୍କ ସ୍ୱାଭାବିକ କରିବା ସପକ୍ଷରେ ନାହାଁନ୍ତି । ଟ୍ରମ୍ପ କହିଥିଲେ ବହୁ ଦେଶ ଏହି ଚୁକ୍ତିରୁ ବହୁତ ଲାଭବାନ ହୋଇଛନ୍ତି ଏବଂ ଭବିଷ୍ୟତରେ ଏହାର ଲାଭ ଆହୁରି ଅଧିକ ହୋଇପାରେ । ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲ୍ ସାମା ଟିଭି ସହିତ ଏକ ସାକ୍ଷାତକାରରେ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, 'ବ୍ୟକ୍ତିଗତ ଭାବରେ, ମୁଁ ଭାବୁନାହିଁ ଯେ ଆମକୁ ଏପରି କୌଣସି ଚୁକ୍ତି କରିବା ଉଚିତ ଯାହା ଆମର ମୂଳ ବିଚାରଧାରା ବିରୋଧରେ ରହିଛି । ସେ କହିଛନ୍ତି, ତାଙ୍କ ଦେଶ ଦୀର୍ଘଦିନ ଧରି ନିଜର ସ୍ଥିତି ବଜାୟ ରଖିଛି ଯେ ୧୯୬୭ ପୂର୍ବ ସୀମା ଆଧାରରେ ପୂର୍ବ ଜେରୁଜେଲମକୁ ରାଜଧାନୀ କରି ଏକ ସ୍ୱାଧୀନ ପାଲେଷ୍ଟାଇନୀୟ ରାଷ୍ଟ୍ର ପ୍ରତିଷ୍ଠା ନହେବା ପର୍ଯ୍ୟନ୍ତ ସେ ଇସ୍ରାଏଲକୁ ସ୍ୱୀକୃତି ଦେବ ନାହିଁ । ପାକିସ୍ତାନ କହିଛି 'ଆମର ସ୍ଥିତି ସମ୍ପୂର୍ଣ୍ଣ ସ୍ପଷ୍ଟ: ଏହା ଆମ ପାଇଁ ଗ୍ରହଣୀୟ ନୁହେଁ ।' ଖ୍ୱାଜା ଆସିଫ ମଧ୍ୟ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଥିଲେ । ସେ କହିଛନ୍ତି 'ଯେଉଁମାନଙ୍କ କଥା ଉପରେ ଟିକିଏ ବି ବିଶ୍ୱାସ କରାଯାଇପାରିବ ନାହିଁ, ସେମାନଙ୍କ ସହିତ ଆପଣ କିପରି ବସିପାରିବେ ?' ସେ ପାକିସ୍ତାନୀ ପାସପୋର୍ଟ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ, ଯେଉଁଥିରେ କୁହାଯାଇଛି ଯେ ଇସ୍ରାଏଲ ଯାତ୍ରା ପାଇଁ ଏହା ବୈଧ ନୁହେଁ । ଆସିଫ ସେହି ନେତାଙ୍କ ମଧ୍ୟରେ ଅନ୍ୟତମ ଯେଉଁମାନେ ଇସ୍ରାଏଲ ସହିତ ସମ୍ପର୍କ ସ୍ୱାଭାବିକ କରିବାର କୌଣସି ଚିନ୍ତାଧାରାକୁ ଦୃଢ଼ ବିରୋଧ କରନ୍ତି । ଗତ ମାସରେ, ସେ ଇସ୍ରାଏଲକୁ ମାନବତା ଉପରେ ଅଭିଶାପ ବୋଲି କହିଥିଲେ ଏବଂ ଏହି ଅଞ୍ଚଳରେ ନରସଂହାର କରିବାର ଅଭିଯୋଗ କରିଥିଲେ ।

## ମାଆର ଶବକୁ କାନ୍ଧ ଦେଲେନି ...

ବେଳେ ତାଙ୍କର ଭାଇ ଓ ପରିବାର ବର୍ଗ ନିଜ ଘର ବାଡ଼ିରେ ଅନ୍ତେଷ୍ଟି କ୍ରିୟା କରିବେ ବୋଲି ଜିଦରେ ଅଟଳ ଥିଲେ । ଯାହାକୁ ନେଇ ବାଦ୍ ବିବାଦ ତେଜିଥିଲା । ଗ୍ରାମର ଲୋକ ମଧ୍ୟ ରାକେଶଙ୍କୁ ଶବ ଉଠାଇବା ପାଇଁ ସାହାଯ୍ୟ କରିନଥିଲେ । ଫଳରେ ଦିନ ୧୦ଟା ୨୫ ରୁ ମୃତ ହୋଇଥିଲେ ବି ସନ୍ଧ୍ୟା ୮ ଟା ପର୍ଯ୍ୟନ୍ତ ଶବ ଉଠି ପାରିନଥିଲା । ତେବେ ବସ୍ତା ପୁଲିସ ଖବର ପାଇ, ଅମରଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ୍ ଓ ତାଙ୍କର ଟିମ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ କରିବାକୁ ଚାହିଁ ଥିଲେ ବି ସମସ୍ୟାର ସମାଧାନ ହୋଇ ପାରିନଥିଲା । ଶେଷରେ ବିଜୟ କୁମାର ବାରିକ ସମେତ ତାଙ୍କର ପୁଲିସ ଟିମ୍ ଶବକୁ କାନ୍ଧ ଦେଇ ଘର ନିକଟରୁ ଦୀର୍ଘ ଦୁଇକିମି ଦୂରରେ ଥିବା ସୁବର୍ଣ୍ଣରେଖା ନଦୀର ଓଡ଼ିଆପଡ଼ା ବାଲି ଘାଟରେ ଶବ ସତ୍କାର କରିଥିଲେ ।

## ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କ ସ୍ୱୀକାରୋକ୍ତି ...

ନୂଆ ପୀଢ଼ି ନିଜର ସଭ୍ୟତାର ପରିଚୟରୁ କଟି ଯାଉ ।' ଖ୍ୱାଜା ଆସିଫ ଇତିହାସ ବହି ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, ପାକିସ୍ତାନରେ ହିନ୍ଦୁ ଶାସକଙ୍କୁ ଇତିହାସରୁ ପ୍ରାୟ ହଟାଇ ଦିଆଯାଇଛି, କାରଣ ସେମାନେ ହିନ୍ଦୁ ଥିଲେ । ସେ କହିଛନ୍ତି, ମୋର ପୂର୍ବଜ ହିନ୍ଦୁଥିଲେ । ଏହା କହିଲେ କ'ଣ ମୁଁ ପାକିସ୍ତାନୀ କମ୍ ହୋଇଯିବି ?' ଆସିଫଙ୍କ କହିବା ଅନୁସାରେ, ପାକିସ୍ତାନରେ ପଢ଼ା ଯାଉଥିବା ପୁସ୍ତକଗୁଡ଼ିକ ସେହି ଲୋକମାନଙ୍କ ଦ୍ୱାରା ଲେଖାଯାଇଥିଲା ଯେଉଁମାନେ ଭବିଷ୍ୟତ ପିଢ଼ିକୁ ଏକ ନିର୍ଦ୍ଦିଷ୍ଟ ମାନସିକତାରେ ଗଢ଼ିବାକୁ ଚେଷ୍ଟା କରିଥିଲେ ।

### ପାକିସ୍ତାନୀ ସମାଜର ଚିନ୍ତାଧାରା ବଦଳିଗଲା !

ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଆମେରିକା ଯୁଦ୍ଧରେ ପାକିସ୍ତାନକୁ ବ୍ୟବହାର କରିବା ପାଇଁ ସମାଜର ଚିନ୍ତାଧାରା ପରିବର୍ତ୍ତନ କରାଯାଇଥିଲା ଏବଂ ଇତିହାସକୁ ସେହି ଅନୁସାରେ ଉପସ୍ଥାପନ କରାଯାଇଥିଲା । ଆମର ପିଲାମାନେ ତଥ୍ୟଗତ ଇତିହାସ ଶିଖୁନାହାଁନ୍ତି । ଆଜି ପାକିସ୍ତାନର ଅନେକ ଲୋକ ଜାଣନ୍ତି ନାହିଁ ଯେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏବଂ ଅଶୋକ କିଏ ଥିଲେ ।' ଖ୍ୱାଜା ଆସିଫଙ୍କ ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ସେ ଆମେରିକା-ଇସ୍ରାଏଲ ପ୍ରସଙ୍ଗରେ ବିବାଦରେ ଫସି ରହିଛନ୍ତି । ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନ ସମେତ ଅନେକ ମୁସଲିମ ଦେଶକୁ ଆବ୍ରାହମ ଚୁକ୍ତିରେ ସାମିଲ ହେବା ଏବଂ ଇସ୍ରାଏଲକୁ ମାନ୍ୟତା ଦେବାକୁ ଅନୁରୋଧ କରିଥିଲେ ।

### ପାକିସ୍ତାନ ଇସ୍ରାଏଲକୁ ମାନ୍ୟତା ଦେବ ନାହିଁ-ଆସିଫ

ଏହା ଉପରେ ପ୍ରତିକ୍ରିୟା ଦେଇ ଆସିଫ୍ କହିଛନ୍ତି, ମୋତେ ବ୍ୟକ୍ତିଗତ ଭାବରେ ଲାଗୁନି, ଆମକୁ ଏଭଳି କୌଣସି ଚୁକ୍ତିରେ ସାମିଲ ହେବା ଦରକାର ।, ଯାହାକି ଆମର ମୌଳିକ ଚିନ୍ତାଧାରା ସହିତ ଦ୍ୱନ୍ଦ୍ୱ ସୃଷ୍ଟି କରିବ ।' ସେ ଦୋହରାଇଛନ୍ତି ଯେ, ପାକିସ୍ତାନର ପୁରୁଣା ଆଭିମୁଖ୍ୟ ଆଜି ବି ରହିଛି । ଯେଉଁ ପର୍ଯ୍ୟନ୍ତ ୧୯୬୭ର ସୀମା ଆଧାରରେ ପୂର୍ବ ଜେରୁଜେଲମ୍କୁ ରାଜଧାନୀ କରି ସ୍ୱତନ୍ତ୍ର ପାଲେଷ୍ଟାଇନୀୟ ଦେଶ ନକରିଛି , ସେ ପର୍ଯ୍ୟନ୍ତ ଇସଲାମାବାଦ ଇସ୍ରାଏଲକୁ ମାନ୍ୟତା ଦେବ ନାହିଁ ।' ଉଲ୍ଲେଖନୀୟ ଯେ, ପାକିସ୍ତାନ ତା'ର ୭୮ ବର୍ଷର ଇତିହାସରେ କେବେ ବି ଇସ୍ରାଏଲକୁ ସରକାରୀ ଭାବରେ ସ୍ୱୀକୃତି ଦେଇନାହିଁ । ଏପରିକି ପାକିସ୍ତାନୀ ପାସପୋର୍ଟରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ ତାହା ଇସ୍ରାଏଲ ଯାତ୍ରା ପାଇଁ ବୈଧ ନୁହେଁ । ଆସିଫଙ୍କ ଏହି ବୟାନ ପରେ ଆମେରିକାରେ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ରିପବ୍ଲିକାନ୍ ସାଂସଦ ଲିଣ୍ଡସେ ଗ୍ରାହାମ ପାକିସ୍ତାନର ଭୂମିକା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ ପାକିସ୍ତାନ ଦୀର୍ଘ ସମୟ ଧରି ଇସ୍ରାଏଲ ପ୍ରତି ନକାରାତ୍ମକ ମନୋଭାବ ପୋଷଣ କରିଆସୁଛି, ଯାହା ଆମେରିକା-ଇରାନ କିମ୍ବା ଇସ୍ରାଏଲ ସମ୍ବନ୍ଧୀୟ ମାମଲାରେ ଏହାର ମଧ୍ୟସ୍ଥତାକୁ 'ସମସ୍ୟାପୂର୍ଣ୍ଣ' ହୋଇପାରେ ।

## ଗରିବ ପିଲାଙ୍କ ପାଇଁ ଆଲୋକବର୍ତ୍ତିକା ...

ବାପା-ମାଆମାନେ ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଇବାକୁ ଆଗ୍ରହ ପ୍ରକାଶ କରୁନଥିଲେ । ଫଳରେ ପିଲାମାନେ ଅଳ୍ପ ବୟସରୁ ବିପଥଗାମୀ ହେଉଥିଲେ । ସୁନ୍ଦର ଜୀବନ ଆରମ୍ଭ କରିବା ପୂର୍ବରୁ ନିଶାସକ୍ତ ହୋଇ ବିଭିନ୍ନ ଅପରାଧିକ କାର୍ଯ୍ୟରେ ଛନ୍ଦି ହୋଇ ଯାଉଥିଲେ । ଯାହା ମୋ ପିଲା ବେଳେ ଘଟୁଥିଲା । ଏହି ଧାଡ଼ିରୁ ବାହାରିବା ପାଇଁ ମୋତେ ଅନେକ କଷ୍ଟ ସହିବାକୁ ପଡ଼ିଥିଲା । ମୋ ବାପା-ମାଆଙ୍କ ସମର୍ଥନ ଯୋଗୁ ମୁଁ ପାଠ ପଢ଼ି ଶିକ୍ଷିତ ହେଲି । ପରେ ମୋ ଅଞ୍ଚଳର ଅନ୍ୟ ପିଲାଙ୍କୁ ଶିକ୍ଷିତ କରାଇବା ପାଇଁ ଏଭଳି ନିଷ୍ପତ୍ତି ନେଇଥିଲି ବୋଲି କାନ୍ଦନ କହନ୍ତି । କାନ୍ଦନ ନିଜ ଅଞ୍ଚଳରେ ପିଲାଙ୍କୁ ଶିକ୍ଷିତ କରାଇବା ପାଇଁ ସ୍ୱପ୍ନ ଦେଖୁଥିବାବେଳେ କାହାରିଠାରୁ ସହଯୋଗ ପାଉ ନଥିଲେ । ଏନେଇ ବିଭିନ୍ନ ଲୋକଙ୍କ ସହ ଯୋଗାଯୋଗ ମଧ୍ୟ କରୁଥିଲେ । ଏହା ଜାଣିବା ପରେ ବାଲେଶ୍ୱର ରୋଟାରୀ କ୍ଲବର ସଦସ୍ୟମାନେ ତାଙ୍କ ସହ ଯୋଗାଯୋଗ କରିଥିଲେ । ପରବର୍ତ୍ତୀ ସମୟରେ ଏହି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଥିଲେ । ଏହି ଗ୍ରାମର ପିଲାଙ୍କୁ ଶିକ୍ଷିତ କରାଇବା ପାଇଁ ସେମାନେ ଏକ ସ୍କୁଲ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲେ । ଫଳସ୍ୱରୂପ ୨୦୧୨ରେ ଆଦିବାସୀଙ୍କ ସ୍ୱାଧୀନତା ସଂଗ୍ରାମୀ ଶିଦୁ କାହ୍ନୁଙ୍କ ନାମରେ 'ଶିଦୁ କାହ୍ନୁ ଶିଶୁ ବିଦ୍ୟାମନ୍ଦିର' ନାମରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କଲେ । କାନ୍ଦନ ଓ ତାଙ୍କ ସ୍ତ୍ରୀ ରାଇମଣୀଙ୍କୁ ଶିକ୍ଷକ ଭାବେ ନିଯୁକ୍ତ ଦେଇଥିଲେ । ଏଥିପାଇଁ ପାରିଶ୍ରମିକ ଭାବେ ସେମାନଙ୍କୁ ୩୫ଶହ ଟଙ୍କା ଦେଉଥିଲେ । ଯାହା ସେମାନଙ୍କ ପରିଶ୍ରମ ତୁଳନାରେ କିଛି ନୁହେଁ । ତଥାପି ସ୍ଥାନୀୟ ଅଞ୍ଚଳର ପିଲାଙ୍କୁ ଶିକ୍ଷିତ କରିବା ପାଇଁ ଉଭୟ ଏହି ବ୍ରତରେ ବ୍ରତୀ ଅଛନ୍ତି ।

# ତାଳଚୁଆ ସାମୁଦ୍ରିକ ଥାନାରେ ଥାର୍ଡ ଡିଗ୍ରି : ପୁଲିସ ମାଡ଼ରେ ମା'ପୁଅ ଲହୁଲୁହାଣ

କେନ୍ଦ୍ରାପଡ଼ା (ଏନ୍.ଏମ୍.): କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ପୁଲିସର ବର୍ବରତା ସୀମା ଟପିଛି । ଥାନାକୁ ଯାଇଥିବା ମା'ପୁଅଙ୍କଠାରୁ ଅଭିଯୋଗ ନ ରଖି ନିସ୍ତୁକ ମାଡ଼ ମାରିଛି ପୁଲିସ । ୬ ଘଣ୍ଟା କାଳ ଥାନାରେ ଥାର୍ଡଡିଗ୍ରି ପ୍ରୟୋଗ ପରେ ଛଡ଼ାଯାଇଛି । ସେମାନଙ୍କ ଦେହସାରା ମାଡ଼ ଚିହ୍ନ ରହିଛି । ପଟ୍ଟାମୁଣ୍ଡାଇ ଏସ୍ଡିପିଓଙ୍କ ନିକଟରେ ବାଘମାରି ପଞ୍ଚାୟତ ଗିରିଆପାହି ଗାଁର ପବନ କୁମାର ମଣ୍ଡଳଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ମଣ୍ଡଳ (୫୮) କରିଥିବା ଅଭିଯୋଗ ମୁତାବକ, ଗତକାଲି ଅର୍ଥାତ୍ ୨୫ ତାରିଖ ସନ୍ଧ୍ୟା ୬ଟାରେ ପାରିବାରିକ କଳହକୁ ନେଇ ସେ ଓ ତାଙ୍କ ପୁଅ ଅନନ୍ତ କୁମାର ମଣ୍ଡଳ ଥାନାକୁ ଅଭିଯୋଗ ପାଇଁ ଯାଇଥିଲେ । ଥାନା





ଅଧିକାରୀ ସନ୍ଧ୍ୟାରାଣୀ ଜେନା ଏତଲା ନ ରଖି ଗାଳିଗୁଲଜ କରିବା ସହିତ ଅନ୍ନପୂର୍ଣ୍ଣାଙ୍କ ଚୁଟି ଘୋଷାରି ଅର୍ଦ୍ଧଉଲଗ୍ନ କରି ଚାପୁଡ଼ା ମାରିବା ସହିତ ତାଙ୍କ ମଥାରୁ ସିନ୍ଦୂର ପୋଛି ଦେଇଥିଲେ । ଏହାପରେ ମା' ସାମନାରେ ପୁଅ ଅନନ୍ତଙ୍କୁ ପାଇଖାନା ଭିତରେ ପୂରାଇ ଆଇଆଇସି ଓ ଜଣେ କନେଷ୍ଟବଳ ନିର୍ମମ ଭାବେ ପିଟିଥିଲେ । ଅନନ୍ତଙ୍କ ତଣ୍ଟି ଚିପି ମାରିବାକୁ ଉଦ୍ୟମ କରିଥିଲେ । ମାଡ଼ ବିଷୟରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଏବଂ ମିଛ ମାମଲାରେ ଫସାଇ ଜେଲ୍ ପଠାଇଦେବାକୁ ଆଇଆଇସି ଧମକ ଦେଇଥିଲେ ବୋଲି ଅନ୍ନପୂର୍ଣ୍ଣା ଅଭିଯୋଗ କରିଛନ୍ତି । ଏଥିସହ ଅନନ୍ତଙ୍କ ମୋବାଇଲ୍ ପୁଲିସ ଛଡ଼ାଇ ରଖିଥିଲା ବେଳେ ସାଦା କାଗଜରେ ଦୁଇଜଣଙ୍କ ଦସ୍ତଖତ କରାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି । ମା'ପୁଅଙ୍କୁ ସନ୍ଧ୍ୟା ୬ଟାରୁ ରାତି ୧୧ଟା ୪୦ ଯାଏଁ ଥାନାରେ ନିର୍ଯାତନା ଦେବା ପରେ ଛଡ଼ା ଯାଇଥିଲା । ପୁଲିସ ମାଡ଼ରେ ମା' ଓ ପୁଅ ଚାଲିପାରୁ ନଥିବାରୁ ପରିବାର ଲୋକ ଅଟୋରେ ସେମାନଙ୍କୁ ଘରକୁ ଆଣିଥିଲେ । ଆଜି ସକାଳେ ଉଭୟଙ୍କୁ ଚିକିତ୍ସା ପାଇଁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅନ୍ନପୂର୍ଣ୍ଣାଙ୍କ ହାତ ଏବଂ ଅନନ୍ତଙ୍କ ବେକ, ହାତ, ଗୋଡ଼, ପିଠିରେ ମାଡ଼ଚିହ୍ନ ରହିଛି । ପୁଲିସର ଥାର୍ଡଡିଗ୍ରି ଭିଡିଓ ଥାନା ସିସିଟିଭିରେ ରହିଛି ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି । ଏ ସମ୍ପର୍କରେ ଏସ୍ଡିପିଓ ସୁକାନ୍ତ କୁମାର ପାତ୍ର କହିଛନ୍ତି ଯେ ଅଭିଯୋଗ ମିଳିଛି । ଏ ନେଇ ଏସ୍ପିଙ୍କୁ ଅବଗତ କରାଯାଇଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ।

# ଜଗତସିଂହପୁର ଡିଆରଡିଏ ମହିଳା ୱାସ ରୁମରୁ ଜବତ ହେଲା ହିଡେନ କ୍ୟାମେରା

ଜଗତସିଂହପୁର(ଏନ୍.ଏମ୍.) :ଅନ୍ୟ କେଉଁଠି ନୁହେଁ ସହର ଉପକଣ୍ଠ ସଅଁରା ସ୍ଥିତ ଜଗତସିଂହପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଏକ ଶୌଚାଳୟରେ ଲାଗିଛି ଗୁପ୍ତ କ୍ୟାମେରା । ଏକଥାକୁ ସ୍ୱୀକାର ସହ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ । ଶ୍ରୀ ଭୋଇଙ୍କ କହିବା ମୁତାବକ, ମହିଳାଙ୍କ ନିମନ୍ତେ ଉଦ୍ଦିଷ୍ଟ ଏକ ଶୌଚାଳୟରେ ଏକପ୍ରକାର ସ୍ପାଇ କ୍ୟାମେରାକୁ କେହି ଦୁର୍ବୃତ୍ତ ଖଞ୍ଜି ଦେଇଥିଲେ । କୌଣସି ମତେ ଉକ୍ତ କ୍ୟାମେରାଟି ତଳକୁ ଖସି ପଡ଼ିବାରୁ ଏହା ଲୋକ ଲୋଚନକୁ ଆସିଥିଲା । ତେବେ କେବେଠାରୁ ଏହି କ୍ୟାମେରା ସେହି




ଶୌଚାଳୟରେ ଫିଟିଂ କରାଯାଇଛି ତାହା ଜଣାପଡୁନି । କିନ୍ତୁ ଗମ୍ଭୀର ମାମଲା ରହିଥିବାରୁ ଏସ୍ପି ଅଙ୍କିତ କୁମାର ବର୍ମା ପ୍ରତ୍ୟକ୍ଷ ଭାବେ ଏହି ଘଟଣାକୁ ଅନୁଧ୍ୟାନ ସହ ପୁଲିସ ଟିମ୍ ନିୟୋଜିତ କରି ତଦନ୍ତ କରୁଥିବା କହିଛନ୍ତି ଅଧ୍ୟକ୍ଷ ଶ୍ରୀ ଭୋଇ । ତା'ଛଡ଼ା ଅଦ୍ୟାବଧି ଏକ ପୁଲିସ ଟିମ୍ ଘଟଣାସ୍ଥଳର ଛାନଭିନ୍ କରିଛନ୍ତି । ଉକ୍ତ ସ୍ପାଇ କ୍ୟାମେରାକୁ ଫୋରେନ୍ସିକ ପରୀକ୍ଷା ନିମନ୍ତେ ପୁଲିସ ନିଜ ହେଫାଜତକୁ ନେଇଛି । ଏହା ଅତ୍ୟନ୍ତ ଗର୍ହିତ ତଥା ନିନ୍ଦନୀୟ ଘଟଣା ହୋଇଥିବାରୁ ତୁରନ୍ତ ପ୍ରକୃତ ଦୋଷୀଙ୍କୁ ଚିହ୍ନଟ ସହ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଆବଶ୍ୟକତା ଥିବା ଦର୍ଶାଇଛନ୍ତି ଅଧ୍ୟକ୍ଷ ଶ୍ରୀ ଭୋଇ । ଏପଟେ ଉକ୍ତ ଘଟଣାକୁ ନେଇ ତିର୍ତ୍ତୋଲ ଥାନାରେ ବିଭାଗୀୟ କର୍ତ୍ତୃପକ୍ଷ ଏତଲା ଦେଇଥିବା କୁହାଯାଉଛି । ଅଦ୍ୟାବଧି ଏସମ୍ବନ୍ଧରେ କେହି ଜଣେ ହେଲେ ପ୍ରଶାସନିକ ଅଧିକାରୀ ମୁହଁ ଖୋଲିବାକୁ ପ୍ରସ୍ତୁତ ନଥିବା ଲକ୍ଷ୍ୟ କରାଯାଉଛି । ଅପରପକ୍ଷେ ଦେଖିଲେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପ୍ରାୟତଃ ଏକ ବ୍ୟସ୍ତବହୁଳ ସରକାରୀ ଦପ୍ତର । ବିଭିନ୍ନ କାର୍ଯ୍ୟରେ ସାଧାରଣ ଲୋକମାନେ ଏଠାକୁ ଆସିଥାନ୍ତି । ପଞ୍ଚାୟତ ସ୍ତରୀୟ ଲୋକ ପ୍ରତିନିଧିଙ୍କ ପାଦ ବି ପଡ଼ିଥାଏ । ଏଠି ବି ଜିଲ୍ଲା ପରିଷଦ ବୈଠକ ସହ ଅନ୍ୟାନ୍ୟ ସରକାରୀ ବୈଠକରେ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥାନ୍ତି । ତଥାପି ମହିଳାଙ୍କ ନିମନ୍ତେ ଉଦ୍ଦିଷ୍ଟ ଏକ ଶୌଚାଳୟରେ ଏତେ ସାହସ ବାନ୍ଧି କିଏ ସ୍ପାଇ କ୍ୟାମେରା ଖଞ୍ଜି ପାରିଲେ ତାହାହିଁ ସାଧାରଣରେ ଆଲୋଡ଼ନ ଖେଳାଇଛି । ପୁଲିସ ଏହି ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀକୁ ଠାବ କରିପାରୁଛନ୍ତି ନା ନାହିଁ ତାହା କେବଳ ଦେଖିବାକୁ ବାକି । ସ୍ପାଇ କ୍ୟାମେରା ଦୁଇ ପ୍ରକାରର । ଗୋଟିଏ ଚାର୍ଜେବୁଲ । ଭଲ କ୍ୟାମେରା ହୋଇଥିଲେ ପ୍ରାୟ ୪୮ ଘଣ୍ଟା ଧରି କାର୍ଯ୍ୟକ୍ଷମ ରହିପାରିବ । ସେତକ ସମୟ ଭିତରେ ଉକ୍ତ କ୍ୟାମେରା ଶୌଚାଳୟ ଭିତର ସମସ୍ତ ଗତିବିଧିକୁ ରେକର୍ଡ କରିପାରିବ । ପରେ କ୍ୟାମେରାରେ ଯାହା କିଛି ରହିଥିବ ତାହା କମ୍ପ୍ୟୁଟର ମାଧ୍ୟମରେ ଦେଖାଯାଇ ପାରିବ । ଉକ୍ତ ଗୁପ୍ତ କ୍ୟାମେରା ପ୍ଲଗ, ସୁଇଚ୍ ବୋର୍ଡ଼, ହୋଲ୍ଡର, ପଙ୍ଖା ଆଦିରେ ଫିଟିଂ କରାଯାଇ ପାରିବ । ଯଦ୍ୱାରା ଚାର୍ଜର ଆବଶ୍ୟକତା ନାହିଁ । ସିମ୍ କାର୍ଡ ରହିଥିବାରୁ ଏକ ଆପ୍ଲିକେଶନ୍ ଲୋଡ୍ କଲେ ଉକ୍ତ କ୍ୟାମେରା ମାଧ୍ୟମରେ ଶୌଚାଳୟ ଭିତରେ ଯାହା ସବୁ ଗତିବିଧି ରହିବ ତା'ର ସିଧାପ୍ରସାରଣ ଉଭୟ କମ୍ପ୍ୟୁଟର ଓ ମୋବାଇଲ ଫୋନ୍ ଜରିଆରେ ଦେଖିହେବ । ବର୍ତ୍ତମାନ ଜିଲ୍ଲା ପରିଷଦ କାର୍ଯ୍ୟାଳୟରୁ ଜବତ କ୍ୟାମେରା କେଉଁ ଜ୍ଞାନକୌଶଳ ବିଶିଷ୍ଟ ତାହା ସ୍ପଷ୍ଟ ଭାବେ ଜଣାପଡୁ ନାହିଁ । ଗୁପ୍ତ କ୍ୟାମେରାକୁ ପ୍ରଥମେ ଠାବ କରିଥିଲେ ମଧୁମିତା ସାମନ୍ତରାୟ । ଏବାବଦରେ ତିର୍ତ୍ତୋଲ ଥାନାରେ ଏତଲା ଦେଇଛନ୍ତି ଭାରପ୍ରାପ୍ତ ଅତିରିକ୍ତ ଇଓ (ଆଡମିନ୍) ଗିରିଜା ଶଙ୍କର ମଲ୍ଲିକ ।

# ଖରିଫ୍ ୨୦୨୬ ପାଇଁ ଓଡ଼ିଶା ସରକାରଙ୍କ ବ୍ୟାପକ ରଣନୀତି

ଭୁବନେଶ୍ୱର(ଏନ୍.ଏମ୍.) :ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଚଳିତ ବର୍ଷ ରାଜ୍ୟରେ ସ୍ୱାଭାବିକ ଠାରୁ କମ୍ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଏବଂ ଏଲ୍ ନିନୋର ପ୍ରଭାବ ନେଇ ଆକଳନ କରାଯାଇଥିବା ପରିପ୍ରେକ୍ଷୀରେ ଓଡ଼ିଶା ସରକାର ଖରିଫ୍ ୨୦୨୬ ଋତୁ ପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଓ କୃଷି ଏବଂ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଛନ୍ତି । ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ପ୍ରଶାସନକୁ ସମ୍ବୋଧିତ କରି ଶ୍ରୀ ସିଂହଦେଓ ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସମସ୍ତ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।




### ବିହନ ଓ ଜଳବାୟୁ ସହନଶୀଳ କୃଷି ଉପରେ ଗୁରୁତ୍ୱ :

ବୈଠକରେ ଓଡ଼ିଶା ରାଜ୍ୟ ବିହନ ନିଗମକୁ ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ପ୍ରମାଣିତ ବିହନର ସମୟାନୁବର୍ତ୍ତୀ ବଣ୍ଟନ ସୁନିଶ୍ଚିତ କରିବାକୁ କୁହାଯାଇଛି । ଦୁର୍ଗମ ଏବଂ ସଂକଟାପନ୍ନ ଅଞ୍ଚଳକୁ ପ୍ରାଥମିକତା ଦିଆଯିବ । କମ୍ ବର୍ଷା ସମ୍ଭାବନା ଥିବା ଅଞ୍ଚଳରେ ସ୍ୱଳ୍ପ ଏବଂ ମଧ୍ୟମ ଅବଧି ବିଶିଷ୍ଟ ଧାନ, ଡାଲିଜାତୀୟ, ତୈଳବୀଜ ଓ ମିଲେଟ୍ ବିହନ ଉପରେ ଅଧିକ ଧ୍ୟାନ ଦେବାକୁ କୁହାଯାଇଛି । ଉଚ୍ଚ ଜମି ଏବଂ ବର୍ଷା ନିର୍ଭରଶୀଳ ଅଞ୍ଚଳରେ ଫସଲ ବିବିଧକରଣକୁ ପ୍ରୋତ୍ସାହନ ଦିଆଯିବ । ମୌସୁମୀ ବର୍ଷା ବିଳମ୍ବ ହେଲେ 'କମ୍ୟୁନିଟି ନର୍ସରୀ' ବ୍ୟବସ୍ଥା ଗ୍ରହଣ କରାଯିବ । ସେହିପରି ଯେକୌଣସି ପାଣିପାଗ ଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଧାନ, ଡାଲି ଏବଂ ତୈଳବୀଜ ବିହନର ପର୍ଯ୍ୟାପ୍ତ ବଫର୍ ଷ୍ଟକ୍ ରଖାଯିବ ।

### ସାର ସୁରକ୍ଷା, କଳାବଜାରୀ ରୋକିବାକୁ କଡ଼ା ନିର୍ଦ୍ଦେଶ :

ସରକାର ମାର୍କଫେଡ୍, ପ୍ୟାକ୍ସ ଓ ଲ୍ୟାମ୍ପସ ମାଧ୍ୟମରେ ଚାଷୀଙ୍କ ପାଖକୁ ସାରର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବେ । ବିଶ୍ୱ ବଜାରର ଅନିଶ୍ଚିତତା ସତ୍ତ୍ୱେ ସାର କମ୍ପାନୀମାନଙ୍କ ଯୋଗାଣ ବ୍ୟବସ୍ଥା ଜାରି ରହିବ ବୋଲି ବୈଠକରେ ସୂଚନା ଦିଆଯାଇଛି ।

ସାରର କଳାବଜାରୀ, ବେଆଇନ ମହଜୁଦ ଏବଂ ଚାଷ ବ୍ୟତୀତ ଅନ୍ୟ କାର୍ଯ୍ୟରେ ବ୍ୟବହାର ହେଲେ ସରକାର 'ଶୂନ୍ୟ ସହନଶୀଳତା' ନୀତି ଅନୁସରଣ କରିବେ । ଏହା ପାଇଁ ଜିଲ୍ଲାପାଳମାନଙ୍କୁ ସାର ବଣ୍ଟନ ପ୍ରକ୍ରିୟା ଉପରେ ସିଧାସଳଖ ନଜର ରଖିବାକୁ କୁହାଯାଇଛି । ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଆଧାରରେ ସନ୍ତୁଳିତ ପୋଷକ ତତ୍ତ୍ୱ ପରିଚାଳନା, ସବୁଜ ସାର ବ୍ୟବହାର ଓ ଜଳ ସଂରକ୍ଷଣ ପଦ୍ଧତିକୁ ମଧ୍ୟ ପ୍ରୋତ୍ସାହନ ଦିଆଯିବ ।

### ଫସଲ ବୀମା, କୃଷକ ପଞ୍ଜୀକରଣକୁ ପ୍ରାଥମିକତା :

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବା ପାଇଁ ଜିଲ୍ଲା ସ୍ତରରେ ବିଶେଷ ଅଭିଯାନ ଚାଲିବ । ଚାଷୀଙ୍କ ଆର୍ଥିକ ବୋଝ କମାଇବାକୁ ଓଡ଼ିଶା ସରକାର ଚାଷୀଙ୍କ ଭାଗର ପ୍ରିମିୟମ୍ ସମ୍ପୂର୍ଣ୍ଣ ବହନ କରୁଛନ୍ତି । ଚାଷୀଙ୍କୁ କେବଳ ୧ ଟଙ୍କା ଟୋକନ୍ ଦେୟ ଦେବାକୁ ପଡ଼ିବ । ସେହିପରି, ପିଏ-କିଶାନ, ସିଏମ କିଶାନ ସହାୟତା, ରିହାତି ଦରରେ ସାର ଓ ବିହନ କ୍ରୟ ଏବଂ ମଣ୍ଡି ସୁବିଧା ପାଇବା ପାଇଁ କୃଷକ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି । ଜିଲ୍ଲା ପ୍ରଶାସନକୁ ଶୀଘ୍ର ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ମିଳିଛି ।

### ଚାଷୀଙ୍କୁ ରିଅଲ୍-ଟାଇମ୍ ପରାମର୍ଶ ଦେବ ଓୟୁଏଟି :

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତାହାର କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ପାଣିପାଗ ଆଧାରିତ ଏବଂ ଆଞ୍ଚଳିକ କୃଷି ପରାମର୍ଶ ପ୍ରଦାନ କରିବ । ରୋଗପୋକ ପରିଚାଳନା ଓ ପ୍ରତିକୂଳ ପରିସ୍ଥିତି ସହନଶୀଳ ଫସଲ କିସମ ସମ୍ବନ୍ଧରେ ମଧ୍ୟ ବୈଷୟିକ ସହାୟତା ଯୋଗାଇଦିଆଯିବ ।

ଡିଜିଟାଲ୍ ପ୍ରସାର ପାଇଁ ଜିଲ୍ଲା ଏବଂ ରାଜ୍ୟ ସ୍ତରର ଏଲ୍ଇଡି ସ୍କ୍ରିନରେ କୃଷି ପରାମର୍ଶ ପ୍ରଦର୍ଶନ କରାଯିବ । ସେହିପରି, ସମ୍ପୂର୍ଣ୍ଣ ଖରିଫ୍ ଋତୁରେ ଜିଲ୍ଲା ଜରୁରୀକାଳୀନ ଦଳ ସକ୍ରିୟ ରହିବେ ଏବଂ କ୍ଷେତ୍ର ଅଧିକାରୀମାନେ ନିୟମିତ ଭାବେ ଗ୍ରାମ ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିବେ । ଏହି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିସନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ସମବାୟ ବିଭାଗର କମିସନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ଓୟୁଏଟି କୁଳପତି ଡକ୍ଟର ପ୍ରଭାତ କୁମାର ରାଉଳ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ଆଇଏମଡି ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାପାତ୍ର, ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।






### ଭିଏତନାମରେ ଭାରତୀୟ ଫ୍ରିଷ୍ଟାଇଲ୍ କୁସ୍ତିଯୋଦ୍ଧାଙ୍କ ଚମତ୍କାର ପ୍ରଦର୍ଶନ

# କୁମାର ମୋହିତ ଏବଂ ଚନ୍ଦ୍ରମୋହନ ଜିତିଲେ ସ୍ୱର୍ଣ୍ଣ




**ନୂଆଦିଲ୍ଲୀ (ଏଜେନ୍ସି):** ଭିଏତନାମର ଦା ନାଙ୍ଗଠାରେ ଅନୁଷ୍ଠିତ ହେଉଥିବା ୨୩ ବର୍ଷରୁ କମ୍ (ଟ୨୩) ଏସୀୟ ଚାମ୍ପିୟନସିପ୍‌ରେ ଭାରତୀୟ ଫ୍ରିଷ୍ଟାଇଲ୍ କୁସ୍ତିଯୋଦ୍ଧାମାନେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖିଛନ୍ତି। ମଙ୍ଗଳବାର ପ୍ରତିଯୋଗିତାର ଚତୁର୍ଥ ଦିନରେ ଭାରତୀୟ ଦଳ ଆଉ ଚାରୋଟି ପଦକ ହାସଲ କରିଛି। ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, କୁମାର ମୋହିତ ଏବଂ ଚନ୍ଦ୍ରମୋହନ ନିଜ ନିଜ ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଦଳର ନେତୃତ୍ୱ ନେଇଥିବାବେଳେ, ଦୀପକ ୬୧ କେଜି ବର୍ଗରେ ରୌପ୍ୟ ଏବଂ ଅନ୍ୟ ଜଣେ କୁସ୍ତିଯୋଦ୍ଧା ଦୀପକ ୭୪ କେଜି ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ ଭାରତର ମୋଟ ଫ୍ରିଷ୍ଟାଇଲ୍ ମେଡାଲ୍ ସଂଖ୍ୟା ୬ରେ ପହଞ୍ଚିଛି। ଗତକାଲି ଅକ୍ଷୟ ଟି ଧେରେ (୫୭ କେଜି) ଏବଂ ବିକ୍କି (୯୭ କେଜି) ସ୍ୱର୍ଣ୍ଣ ପଦକ ଜିତି ସଫଳତାର ଶୁଭାରମ୍ଭ କରିଥିଲେ। ମୋହିତ ୬୫ କେଜି ବର୍ଗର ଫାଇନାଲ୍ ମ୍ୟାଚ୍‌ରେ କିର୍ଗିଜସ୍ତାନର ଓସ୍କୋନବାଇ ଏ.ଅବଦିସାମାତୋଭଙ୍କୁ ୧୨-୪ ବ୍ୟବଧାନରେ ସହଜରେ ପରାସ୍ତ କରି ପୋଡିୟମ୍‌ର ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ପରେ ଚନ୍ଦ୍ରମୋହନ ୭୯ କେଜି ବର୍ଗରେ କାଜାଖସ୍ତାନର ୟେରଖାନ ଆବିଲଙ୍କ ବିପକ୍ଷରେ ୭-୬ ସଂଘର୍ଷପୂର୍ଣ୍ଣ ବିଜୟ ସହ ଟାଇଟଲ୍ ହାସଲ କରିଥିଲେ। ୬୧ କେଜି ଫାଇନାଲ୍‌ରେ ଦୀପକ ଏବଂ କାଜାଖସ୍ତାନର ନୁରଦାନତ ଆଇତାନୋଭଙ୍କ ମଧ୍ୟରେ ୪-୪ ରୋମାଞ୍ଚକର ମୁକାବିଲା ହୋଇଥିଲା, ମାତ୍ର ଶେଷରେ ଦୀପକଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଅନ୍ୟପଟେ, ୭୪ କେଜି ବର୍ଗରେ ଦୀପକ ତୁର୍କମେନିସ୍ତାନର ବାତାନ ଆନ୍ନାରାଜୋଭଙ୍କୁ ୧୦-୦ରେ ସମ୍ପୂର୍ଣ୍ଣ ପରାସ୍ତ କରି ବ୍ରୋଞ୍ଜ ପଦକ ଜିତିଥିଲେ। 'ଫ୍ରିଷ୍ଟାଇଲ୍ ଦଳ ଗତ ଦୁଇ ଦିନ ହେବ ଚମତ୍କାର ନିରନ୍ତରତା ପ୍ରଦର୍ଶନ କରିଛି। ବର୍ତ୍ତମାନ ସୁଦ୍ଧା ଚାରୋଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଏବଂ ଦୁଇଟି ବ୍ରୋଞ୍ଜ ପଦକ ଜିତିବା ଆମ ପାଇଁ ଅତ୍ୟନ୍ତ ସକାରାତ୍ମକ ସଙ୍କେତ। ମୋହିତ ଏବଂ ଚନ୍ଦ୍ରମୋହନ ଆଜି ସୁନ୍ଦର ଭାବେ ଖେଳି ଟାଇଟଲ୍ ଜିତିଛନ୍ତି ଏବଂ ଦୁଇ ଦୀପକ ମଧ୍ୟ ମ୍ୟାଚ୍‌ରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ମୁଁ ସମସ୍ତ ଖେଳାଳି ଓ କୋଚିଂ ଷ୍ଟାଫ୍‌ଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ଆଜି ସନ୍ଧ୍ୟା ସୁଦ୍ଧା ଆହୁରି ପଦକ ମିଳିବାର ଆଶା ରହିଛି,' ବୋଲି ଭାରତୀୟ କୁସ୍ତି ମହାସଂଘ ର ସଭାପତି ସଞ୍ଜୟ ସିଂହ କହିଛନ୍ତି। ଏହା ବ୍ୟତୀତ, ୯୨ କେଜି ବର୍ଗର ଫାଇନାଲ୍ ମ୍ୟାଚ୍ ?ରେ କୁମାର ପୁନିତ କିର୍ଗିଜସ୍ତାନର ଉଲୁକବେକ ସୁରୋମବେକୋଭଙ୍କ ଠାରୁ ୧-୧୨ରେ ପରାସ୍ତ ହୋଇ ରୌପ୍ୟ ପଦକ ପାଇଛନ୍ତି। ସେହିପରି ମୋର ସଚିନ ୮୬ କେଜି ବର୍ଗରେ ବୋବୁରବେକ ରୁଜିମବୋଏଭଙ୍କୁ ୪-୧ରେ ହରାଇ ବ୍ରୋଞ୍ଜ ପଦକ ସୁରକ୍ଷିତ କରିଛନ୍ତି। ୧୨ ? କେଜି ବର୍ଗରେ ଲକି କାଜାଖସ୍ତାନର ରିଜାବେକ ଆଇତମୁଖାନଙ୍କଠାରୁ ୦-୧୦ରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସନ୍ଧ୍ୟାର ଫ୍ରିଷ୍ଟାଇଲ୍ ମ୍ୟାଚ୍ ଗୁଡ଼ିକ ଏବେ ବି ଜାରି ରହିଛି ଏବଂ ଆଉ ଦୁଇଜଣ ଭାରତୀୟ କୁସ୍ତିଯୋଦ୍ଧା ପଦକ ଲଢ଼େଇ ପାଇଁ ମ୍ୟାଚ୍‌କୁ ଓହ୍ଲାଇବାକୁ ଅପେକ୍ଷା କରିଛନ୍ତି।

### ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍

# ଯୋଗ୍ୟତା ଅର୍ଜନ କଲେ ଶାମିକା



**କାମ୍ପାଲା (ଏଜେନ୍ସି):** ୨୦୨୬ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଆଫ୍ରିକାର ଦୁଇଜଣ ମହିଳା ସିଙ୍ଗଲ୍ସ ଖେଳାଳିଙ୍କ ମଧ୍ୟରେ ଉଗାଣ୍ଡାର ଫାଦିଲା ଶାମିକା ମହମ୍ମଦ ରଫି ସ୍ଥାନ ପାଇଛନ୍ତି। ନିକଟରେ ଅଲ୍-ଆଫ୍ରିକା ସିନିୟର ମହିଳା ସିଙ୍ଗଲ୍ସ ଟାଇଟଲ୍ ଜିତିଥିବା ଶାମିକା, ଚଳିତ ଅଗଷ୍ଟ ମାସରେ ଭାରତର ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ନିଜର ସ୍ଥାନ ସୁରକ୍ଷିତ କରିଛନ୍ତି। ଆଫ୍ରିକାରେ ବର୍ତ୍ତମାନ ପ୍ରଥମ ଏବଂ ବିଶ୍ୱରେ ୧୦୫ ତମ ମାନ୍ୟତା ପ୍ରାପ୍ତ ଶାମିକା ମହିଳା ସିଙ୍ଗଲ୍ସ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସିନହୁଆ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଆଫ୍ରିକାର ଦ୍ୱିତୀୟ ମାନ୍ୟତା ପ୍ରାପ୍ତ ମହିଳା ସିଙ୍ଗଲ୍ସ ଖେଳାଳି ଇଜିପ୍ଟର ନୁର ୟୁସ୍ରି ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମଙ୍ଗଳବାର ଦିନ ଶାମିକା କହିଛନ୍ତି, 'ଈଡର ବିଶ୍ୱ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ମୁଁ ବହୁତ ଖୁସି, ଯେଉଁଠାରେ ବିଶ୍ୱର ଶୀର୍ଷ ଖେଳାଳିମାନେ ଏକାଠି ହେବେ। କଠିନ ପରିଶ୍ରମ ଯୋଗୁଁ ମୋର ଏହି ସ୍ୱପ୍ନ ସାକାର ହୋଇଛି, ଯାହାଫଳରେ ମୁଁ ଅନେକ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିବା ସହ ଆଫ୍ରିକୀୟ ଟାଇଟଲ୍ ଜିତିପାରିଛି।' ଏହି ଦୁଇ ଆଫ୍ରିକୀୟ ଖେଳାଳି ବିଶ୍ୱର ଏକ ନମ୍ବର ଖେଳାଳି ଦକ୍ଷିଣ କୋରିଆର ଆନ୍ ସେ-ୟଙ୍ଗ ଏବଂ ଚୀନର ଚେନ୍ ୟୁଫେଇ ଓ ୱାଙ୍ଗ ଜିୟୀଙ୍କ ଭଳି ଅଗ୍ରଣୀ ଆନ୍ତର୍ଜାତୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ ବୋଲି ଆଶା କରାଯାଉଛି। ଉଗାଣ୍ଡା ବ୍ୟାଡମିଣ୍ଟନ ଆସୋସିଏସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସାଇମନ ମୁଗାବି କହିଛନ୍ତି ଯେ, ଶାମିକାଙ୍କ ଏହି ଯୋଗ୍ୟତା ଆଥଲେଟ୍ ଏବଂ ଦେଶ ଉଭୟଙ୍କ ପାଇଁ ଏକ ବଡ଼ ସଫଳତା। 'କେବଳ କଠିନ ପରିଶ୍ରମ ଯୋଗୁଁ ଶାମିକା ଏହି ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ସଫଳ ହୋଇଛନ୍ତି। ସେ ଉଗାଣ୍ଡାର ପତାକାକୁ ଉଚ୍ଚା ରଖିବେ ଏବଂ ଆମେ ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛୁ,' ବୋଲି ମୁଗାବି କହିଛନ୍ତି। ଅନ୍ୟପକ୍ଷରେ, ଦକ୍ଷିଣ ଆଫ୍ରିକାର ଆମି ଆକରମ୍ୟାନ୍ ଏବଂ ଜୋହନିତା ସ୍କୋଟ୍‌ଜ୍ ମହିଳା ଡବଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାବେଳେ ଇଜିପ୍ଟର ଆଧାମ ହାତେମ ପୁରୁଷ ସିଙ୍ଗଲ୍ସରେ ସ୍ଥାନ ପାଇଛନ୍ତି। ଆଲଜେରିଆର କୋସିଲା ମାମେରୀ ଦୁଇଟି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ - ପୁରୁଷ ଡବଲ୍ସରେ ୟୁସେଫ୍ ସାବ୍ରୀଙ୍କ ସହ ଏବଂ ମିକ୍ସଡ୍ ଡବଲ୍ସରେ ନିଜ ସାନ ଭଉଣୀ ତାନିଆ ମାମେରୀଙ୍କ ସହ ମିଶି ସେ ଖେଳିବେ।

# ଫ୍ରେଞ୍ଚ ଓପନ ୨୦୨୬: ଦ୍ୱିତୀୟ ରାଉଣ୍ଡରେ ଜୋକୋଭିଚ୍



**ପ୍ୟାରିସ(ଏଜେନ୍ସି):** ଫ୍ରେଞ୍ଚ ଓପନ ୨୦୨୬ର ପ୍ରଥମ ଦିନରେ ଅଭିଜ୍ଞ ଖେଳାଳିମାନଙ୍କ ଦବ୍‌ଦବା ଦେଖିବାକୁ ମିଳିଛି, ଯେଉଁଥିରେ ସବୁଠାରୁ ଅଧିକ ଚର୍ଚ୍ଚା ନୋଭାକ୍ ଜୋକୋଭିଚ୍‌ଙ୍କୁ ନେଇ ହୋଇଛି। ୩୯ ବର୍ଷୀୟ ସର୍ବିଆନ୍ ଷ୍ଟାର ଆଉ ଗୋଟିଏ ଥର ପ୍ରମାଣ କରି ଦେଇଛନ୍ତି ଯେ ବୟସ ତାଙ୍କ ଖେଳ ଆଗରେ ବାଧା ସାଜିପାରିବ ନାହିଁ।

ଜୋକୋଭିଚ୍ ନିଜର ରେକର୍ଡ ୮୨ ତମ ଗ୍ରାଣ୍ଡ ସ୍ଲାମ୍ ମୁକାବିଲାରେ ଫ୍ରାନ୍ସର ୨୨ ବର୍ଷୀୟ ଖେଳାଳି ଜିଓଭାନୀ ମ୍ପେଟଶୀ ପେରିକାର୍ଡଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଯଦିଓ ମ୍ୟାଚ୍‌ର ଆରମ୍ଭ ତାଙ୍କ ପାଇଁ ଭଲ ରହିନଥିଲା ଏବଂ ସେ ପ୍ରଥମ ସେଟ୍ ହରାଇ ବସିଥିଲେ, କିନ୍ତୁ ଏହାପରେ ସେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୫-୭, ୭-୫, ୬-୧, ୬-୪ ରେ ବିଜୟ ହାସଲ କରିଥିଲେ।

ପ୍ରାୟ ୨ ଘଣ୍ଟା ୫୧ ମିନିଟ୍ ଧରି ଚାଲିଥିବା ଏହି ମୁକାବିଲାରେ ଜୋକୋଭିଚ୍‌ଙ୍କୁ ସ୍ଥାନୀୟ ଦର୍ଶକଙ୍କ ସମର୍ଥନ ମିଳିନଥିଲା, ତଥାପି ସେ ଚାପ ମଧ୍ୟରେ ଚମତ୍କାର ପ୍ରଦର୍ଶନ କରିଥିଲେ। ମ୍ୟାଚ୍ ପରେ ଜୋକୋଭିଚ୍ କହିଛନ୍ତି, 'ରୋଲାଁ ଗ୍ୟାରୋସର ସେଣ୍ଟର କୋର୍ଟରେ କୌଣସି ଫ୍ରାନ୍ସ ଖେଳାଳିଙ୍କ ବିପକ୍ଷରେ ଖେଳିବା ସହଜ ନୁହେଁ। ଦର୍ଶକଙ୍କ ଉତ୍ସାହ ବହୁତ ଚାପ ବଢ଼ାଇ ଦେଇଥାଏ, କିନ୍ତୁ ମୋଟାମୋଟି ଭାବେ ଏହା ଏକ ଚମତ୍କାର ମୁକାବିଲା ଥିଲା।' ସେ ମଜାଳିଆ ଅନ୍ଦାଜରେ କହିଛନ୍ତି, '୩୯ ବର୍ଷ ବୟସରେ ପ୍ରାୟ ତିନି ଘଣ୍ଟା ଖେଳିବା, ଠିକ୍ ସେମିତି ଥିଲା ଯେମିତି ଡାକ୍ତର ପରାମର୍ଶ ଦେଇଥିଲେ।'

ନିଜର ୩୯ ତମ ଜନ୍ମଦିନର ଦୁଇ ଦିନ ପରେ କୋର୍ଟକୁ ଓହ୍ଲାଇବା ମାତ୍ରେ ଜୋକୋଭିଚ୍ ପୁରୁଷ ବର୍ଗରେ ସବୁଠାରୁ ଅଧିକ ଗ୍ରାଣ୍ଡ ସ୍ଲାମ୍ ଖେଳିବାର ରେକର୍ଡ ନିଜ ନାମରେ କରିଛନ୍ତି। ସେ ରୋଜର ଫେଡେରର ଏବଂ ଫେଲିସିଆନୋ ଲୋପେଜ୍‌ଙ୍କୁ ପଛରେ ପକାଇ ୮୨ ତମ ଗ୍ରାଣ୍ଡ ସ୍ଲାମ୍ ମୁକାବିଲା ଖେଳିଛନ୍ତି। ଜୋକୋଭିଚ୍ ଏପର୍ଯ୍ୟନ୍ତ ରେକର୍ଡ ୨୪ ଟି ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ଜିତିସାରିଛନ୍ତି। ଅନ୍ୟପଟେ, ସେ ୨୨ ତମ ଥର ପାଇଁ ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସରେ ଭାଗ ନେଉଛନ୍ତି, ଯାହା ଦ୍ୱାରା ସେ ଫ୍ରାନ୍ସର ରିଚାର୍ଡ ଗ୍ୟାସ୍କେଟ୍ ଏବଂ ଏଣ୍ଟୋନି ଜେଣ୍ଟିୟନଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି।

ନୋଭାକ୍ ଜୋକୋଭିଚ୍ ବିଗତ ୨୦ ଟି ଫ୍ରେଞ୍ଚ ଓପନ ମଧ୍ୟରୁ ୧୯ ଥର ଅତିକମରେ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ପହଞ୍ଚିଛନ୍ତି। ସେ ୨୦୧୬, ୨୦୧ ଏବଂ ୨୦୨୩ ରେ ଫ୍ରେଞ୍ଚ ଓପନ ଟାଇଟଲ୍ ଜିତିଥିଲେ। ତାଙ୍କର ଅଭିଜ୍ଞତା ଏବଂ ଫିଟ୍‌ନେସ୍ ଏଥର ମଧ୍ୟ ତାଙ୍କୁ ଟାଇଟଲ୍‌ର ଜଣେ ବଡ଼ ଦାବିଦାର କରୁଛି।

ଫ୍ରେଞ୍ଚ ଓପନର ପ୍ରଥମ ଦିନରେ କେବଳ ଜୋକୋଭିଚ୍ ନୁହଁନ୍ତି, ବରଂ ଅନ୍ୟ କେତେକ ଅଭିଜ୍ଞ ଖେଳାଳି ମଧ୍ୟ ଦେଖାଇଛନ୍ତି ଚମତ୍କାର ପ୍ରଦର୍ଶନ। ୩୬ ବର୍ଷୀୟ ମାର୍କୋ ଟୁଙ୍ଗେଲିଟି, କିରିୟନ ଜ୍ୟାକେଟ୍ ?ଙ୍କୁ ୬-୪, ୬-୨, ୬-୨ ରେ ପରାସ୍ତ କରିଛନ୍ତି। ଟୁଙ୍ଗେଲିଟି ନିକଟରେ ପ୍ରଫେସନାଲ ଯୁଗରେ ଟପ୍-୧୦୦ ମାନ୍ୟତାରେ ସ୍ଥାନ ପାଇଥିବା ସବୁଠାରୁ ଅଧିକ ବୟସ୍କ ଖେଳାଳିମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। ମହିଳା ବର୍ଗରେ ୩୬ ବର୍ଷୀୟା ସୋରାନା ସିଷ୍ଟିଆ, ୧୭ ବର୍ଷୀୟା କେସେନିଆ ଏଫ୍ରେମୋଭାଙ୍କୁ ୬-୩, ୬-୧ ରେ ହରାଇଛନ୍ତି। ସିଷ୍ଟିଆ ନିକଟରେ ଟପ୍-୨୦ ମାନ୍ୟତାରେ ସ୍ଥାନ ପାଇଥିବା ସବୁଠାରୁ ଅଧିକ ବୟସ୍କା ମହିଳା ଖେଳାଳି ବନିଥିଲେ।

# ୨୪ ବର୍ଷ ପରେ ଇଂଲଣ୍ଡରେ ମ୍ୟାଚ୍ ଖେଳିବ ଭାରତୀୟ ଫୁଟବଲ୍ ଦଳ

**ନୂଆଦିଲ୍ଲୀ(ଏଜେନ୍ସି):** ଭାରତୀୟ ସିନିୟର ପୁରୁଷ ଜାତୀୟ ଫୁଟବଲ୍ ଦଳ ୟୁନିଟି କପ୍ ୨୦୨୬ ରେ ଭାଗ ନେବା ପାଇଁ ଇଂଲଣ୍ଡର ରାଜଧାନୀ ଲଣ୍ଡନରେ ପହଞ୍ଚିଛି। ଭାରତ ୨୪ ବର୍ଷ ପରେ ଇଂଲଣ୍ଡରେ କୌଣସି ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ଯାଉଛି। ଏହାପୂର୍ବରୁ ଭାରତୀୟ ଦଳ ଶେଷ ଥର ପାଇଁ ୨୦୦୨ ମସିହାରେ ଇଂଲଣ୍ଡ ମାଟିରେ ମ୍ୟାଚ୍ ଖେଳିଥିଲା। ଖାଲିଦ୍ ଜମିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ରବିବାର ସକାଳେ ବେଙ୍ଗାଲୁରୁରୁ ଲଣ୍ଡନ ଅଭିମୁଖେ ଯାତ୍ରା କରିଥିଲା। ଇଣ୍ଡିଆନ ସୁପର ଲିଗ୍ ୨୦୨୫-୨୬ ଶେଷ ହେବା ମାତ୍ରେ ୨୨ ମେ'ରୁ ଜାତୀୟ କ୍ୟାମ୍ପ ଆରମ୍ଭ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଦଳକୁ ଏକ ବଡ଼ ଝଟ୍‌କା ଲାଗିଛି। ମୋହନ ବାଗାନ ସୁପର ଜାଏଣ୍ଟ ୨୩ ମେ'ରେ ନିଜ ଖେଳାଳିମାନଙ୍କୁ ଜାତୀୟ କ୍ୟାମ୍ପରୁ ଫେରାଇ ନେଇଛି। ଶେଷ ମୁହୂର୍ତ୍ତରେ ଖେଳାଳିମାନେ ଫେରିଯିବା କାରଣରୁ ଭାରତୀୟ ଦଳ ମାତ୍ର ୧୭ ଜଣ ଖେଳାଳିଙ୍କ ସହ ଲଣ୍ଡନ ଗସ୍ତ କରିଛି। ତେବେ ଗୋଲକିପର ରତିକ ତିୱାରୀ ଅଲଗା ଭାବେ ଯାତ୍ରା କରୁଛନ୍ତି ଏବଂ ସେ ସୋମବାର ଦଳ ସହ ଯୋଗଦେବେ। ଭାରତ ବର୍ତ୍ତମାନ ଫିଫା ମାନ୍ୟତାରେ ୧୩୬ ତମ ସ୍ଥାନରେ ଅଛି। ଭାରତୀୟ ଦଳ ୨୭ ମେ' ମଧ୍ୟରାତ୍ରିରେ ୟୁନିଟି କପ୍ ୨୦୨୬ ର ଦ୍ୱିତୀୟ ସେମିଫାଇନାଲରେ ଜାମାଇକା ସହ ମୁକାବିଲା କରିବ, ଯାହାର ଫିଫା ମାନ୍ୟତା ୭୧ ରହିଛି। ଅନ୍ୟପଟେ ପ୍ରଥମ ସେମିଫାଇନାଲରେ ନାଇଜେରିଆ ଏବଂ ଜିମ୍ବାୱେ ପରସ୍ପରକୁ ଭେଟିବେ। ନାଇଜେରିଆ ଫିଫା ମାନ୍ୟତାରେ ୨୬ ତମ ସ୍ଥାନରେ ଥିବାବେଳେ ଜିମ୍ବାୱେ ୧୩୦ ତମ ସ୍ଥାନରେ ରହିଛି। ତୃତୀୟ ସ୍ଥାନ ପାଇଁ ମଧ୍ୟ ହେବ ମ୍ୟାଚ୍ ସେମିଫାଇନାଲରେ ହାରିଥିବା ଦୁଇଟି ଯାକ ଦଳ ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ମ୍ୟାଚ୍ ଖେଳିବେ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଲଣ୍ଡନର ପ୍ରସିଦ୍ଧ 'ଦି ଭ୍ୟାଲି' ଷ୍ଟାଡିୟମରେ ଖେଳାଯିବ, ଯାହା ଚାର୍ଲଟନ୍ ଆଥଲେଟିକ୍ ଫୁଟବଲ୍ କ୍ଲବ୍‌ର ଘରୋଇ ମୈଦାନ ଅଟେ।

# ଟ୍ରାଭିସ ହେଡ୍‌ଙ୍କ ସହ ହ୍ୟାଣ୍ଡଶେକ କଲେନି ବିରାଟ କୋହଲି




**ହାଇଦ୍ରାବାଦ (ଏଜେନ୍ସି):** ଆଇପିଏଲ ୨୦୨୬ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚି ଯାଇଛି। ଶେଷ ପର୍ଯ୍ୟାୟରେ ଆଇପିଏଲ ପରିବେଶ ପୂରା ସରଗରମ ହୋଇଛି। ଶୁକ୍ରବାର ସନ ରାଇଜର୍ସ ହାଇଦ୍ରାବାଦ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଗୋଟିଏ ଚକିତ କରିବା ଭଳି ଦୃଶ୍ୟ ସାମ୍ନାକୁ ଆସିଛି। ମ୍ୟାଚକୁ ହାଇଦ୍ରାବାଦ ୫୫ ରନରେ ଜିତି ନେଇଥିବା ବେଳେ ଏହାପରେ ଘଟିଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମ୍ୟାଚ୍‌ରେ ବିରାଟ କୋହଲି ଓ ହାଇଦ୍ରାବାଦର ଓପନର ଟ୍ରାଭିସ ହେଡ୍‌ଙ୍କ ମଧ୍ୟରେ ଦେଖାଯାଇଥିବା ତୁତୁମେଁମେଁର ପ୍ରଭାବ ପାରମ୍ପରିକ ହ୍ୟାଣ୍ଡଶେକ ଉପରେ ପଡ଼ିଛି। ରାଗରେ ବିରାଟ ହ୍ୟାଣ୍ଡଶେକ ବେଳେ ହେଡଙ୍କୁ ଅଣଦେଖା କରିଛନ୍ତି। ତାଙ୍କ ସହ ହାତ ମିଳାଇ ନାହାନ୍ତି। ଏହାର ଭିଡିଓ ମଧ୍ୟ ବେଶ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ ମ୍ୟାଚ୍ ପରେ ଦୁଇ ଦଳର ଖେଳାଳି ଧାଡ଼ିରେ ଆସି ପରସ୍ପର ସହ ହାତ ମିଳାଉଛନ୍ତି। ବିରାଟ ପ୍ରଥମେ ପାଟ କମିନ୍ସ ଓ ପରେ ଅଭିଷେକ ଶର୍ମାଙ୍କ ସହ ହାତ ମିଳାଇଥିଲେ। ଏତିକି ବେଳେ ୩ନଂରେ ଥିବା ହେଡ ହ୍ୟାଣ୍ଡଶେକ ପାଇଁ ହାତ ବଢ଼ାଇଥିଲେ। କିନ୍ତୁ ବିରାଟ ତାଙ୍କୁ ଅଣଦେଖା କରିଥିଲେ। ସେ ହେଡଙ୍କ ସହ ହାତ ମିଳାଇ ନଥିଲେ। ହେଡଙ୍କୁ ଅଣଦେଖା କରି ତାଙ୍କ ପଛରେ ଥିବା ଈଶାନ କିଶନ ଓ ଅନ୍ୟ ଖେଳାଳିଙ୍କ ହାତ ମିଳାଇଥିଲେ ବିରାଟ। ଏବେ ଏହାର ଭିଡିଓ ବେଶ ଭାଇରାଲ ହେବାରେ ଲାଗିଛି। ତେବେ ଦୁଇ ଜଣଙ୍କ ମଧ୍ୟରେ ତୁତୁମେଁମେଁ ମ୍ୟାଚ୍ ଆରମ୍ଭ ହେବା ବେଳ ଠାରୁ ଲାଗି ରହିଥିଲା। ମ୍ୟାଚ୍ ସମୟରେ ରାଶିକ ଦାର ୨୬ ରନ କରିଥିବା ହେଡଙ୍କୁ କ୍ଲିନବୋଲ୍ଡ କରି ଦେଇଥିଲେ। ଏହି ସମୟରେ ବିରାଟ ପୁରା ଆକ୍ରମଣାତ୍ମକ ଢଙ୍ଗରେ ସେଲିବ୍ରେସନ କରିଥିଲେ। ହେଡ ଏହାକୁ ଦେଖିଥିଲେ ହେଁ କିଛି କହି ନଥିଲେ। ଆରସିବି ୨୫୬ ରନର ପିଛା କରୁଥିବା ବେଳେ ଶିବାଙ୍ଗ କୁମାରଙ୍କ ଓଭରରେ ଭେଙ୍କଟେଶ ଆୟର ଛକା ଓ ଚୌକା ଲଗାଇଥିଲେ। ଏହି ସମୟରେ ବିରାଟ ଓ ହେଡ ମଧ୍ୟ ମୁହାଁମୁହିଁ ହୋଇଥିଲେ। ଗୋଟିଏ ସମୟରେ ବିରାଟ ବ୍ୟାଟିଂ କରୁଥିବା ବେଳେ ହେଡଙ୍କୁ ବୋଲିଂ କରିବାକୁ ଚ୍ୟାଲେଞ୍ଜ କରିଥିଲେ। ଏହାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବିରାଟ ୧୫ ରନ କରି ପରବର୍ତ୍ତୀ ଅବସ୍ଥାରେ ଶାକିବ ହୁସେନଙ୍କ ବଲରେ ଆଉଟ ହୋଇଥିଲେ। ଏତିକି ବେଳେ ହେଡ୍ ତାଙ୍କୁ କଟାକ୍ଷ କରିଥିଲେ। ମୁଁ ବୋଲିଂ କରିବାକୁ ଆସିବା ପୂର୍ବରୁ ତୁମେ ଆଉଟ ହୋଇଗଲ କହି ଚିଡ଼ାଇବାକୁ ଚେଷ୍ଟା କରିଥିଲେ। ବିରାଟ ଅତ୍ୟନ୍ତ କ୍ଷୁବ୍ଧ ହୋଇ ସେତେବେଳେ ପଡ଼ିଆରୁ ଚାଲି ଯାଇଥିଲେ। କିନ୍ତୁ ମ୍ୟାଚ୍ ପରର ପାରମ୍ପରିକ ହ୍ୟାଣ୍ଡଶେକ କାର୍ଯ୍ୟକ୍ରମ ବେଳେ ସେ ହେଡଙ୍କୁ ଅଣଦେଖା କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ହେଡ ଶୁକ୍ରବାର ମ୍ୟାଚ୍‌ରେ ମଧ୍ୟ ବୋଲିଂ କରିଥିଲେ। ଏଥିସହ ସେ ୩୯ ବଲରେ ୫୬ ରନ କରିଥିବା ରଜତ ପାଟିଦାରଙ୍କ ୱିକେଟ ମଧ୍ୟ ନେଇଛନ୍ତି। ସେ ୱିକେଟ ନେବା ପରେ ବିରାଟ ଆହୁରି ରାଗି ଯାଇଥିଲେ।

# ୩ ଖେଳାଳିଙ୍କ ମୁଣ୍ଡରେ ଚପଲ ମାରିବାକୁ କହିଲେ ଯୁବରାଜ ସିଂହ



**ନୂଆଦିଲ୍ଲୀ (ଏଜେନ୍ସି):** ଚଳିତ ଆଇପିଏଲର ପ୍ଲେ-ଅଫ୍ ଲାଇନଅପ୍ ଚୂଡ଼ାନ୍ତ ହୋଇସାରିଛି। ଆରସିବି, ଗୁଜରାଟ, ହାଇଦ୍ରାବାଦ ଏବଂ ରାଜସ୍ଥାନ ପ୍ଲେ-ଅଫକୁ ଯୋଗ୍ୟତା ହାସଲ କରିଛନ୍ତି। ଆରମ୍ଭରୁ ଦମଦାର ପ୍ରଦର୍ଶନ କରିଥିବା ପଞ୍ଜାବ କିଙ୍ଗସ୍ ପ୍ଲେ-ଅଫରୁ ବିଦା ହୋଇଛନ୍ତି । ପୂର୍ବତନ ଭାରତୀୟ କ୍ରିକେଟର ଯୁବରାଜ ସିଂହ ଭିନ୍ନ ମନୋଭାବରେ ଥିବା ଦେଖାଇଛନ୍ତି। ସେ ତିନି ଜଣ ଆଇପିଏଲ ଖେଳାଳିଙ୍କୁ ଚପଲରେ ମାରିବା ବିଷୟରେ କହି ସମାଲୋଚନା କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯୁବରାଜ ସୋସିଆଲ ମିଡିଆରେ ଖୋଲାଖୋଲି ଭାବରେ ସେହି ଖେଳାଳିମାନଙ୍କୁ ଚପଲରେ ମାରିବା ବିଷୟରେ କହିଛନ୍ତି। ଯୁବରାଜ ସିଂହ ଯେଉଁ ତିନି ଜଣ ଖେଳାଳିଙ୍କ ଉପରେ ଏପରି ମନ୍ତବ୍ୟ ଦେଇଛନ୍ତି ସେମାନଙ୍କ ଦଳ ପ୍ଲେଅଫ୍‌ରୁ ବାଦ ପଡ଼ିଛି। ସେମାନଙ୍କ ମଧ୍ୟରୁ ଜଣେ ତାଙ୍କର ଶିଷ୍ୟ, ଏବଂ ଅନ୍ୟ ଦୁଇଜଣ ହୁଏତ ଯୁବରାଜ ସିଂହଙ୍କ ସହିତ ତାଲିମ ନେଇ ନାହାଁନ୍ତି, କିନ୍ତୁ ସେମାନଙ୍କର ନିଶ୍ଚିତ ଭାବରେ ପଞ୍ଜାବ ଟିମର । ଯୁବରାଜ ସିଂହ ପ୍ରିୟାଂଶ ଆର୍ଯ୍ୟ, ଅର୍ଶଦୀପ ସିଂହ ଏବଂ ହରପ୍ରୀତ ବ୍ରାରଙ୍କୁ ଚପଲରେ ମାରିବା ବିଷୟରେ କହିଛନ୍ତି । ପ୍ରିୟାଂଶ ଆର୍ଯ୍ୟ , ଅର୍ଶଦୀପ ସିଂହ ଏବଂ ହରପ୍ରୀତ ବ୍ରାର ଏହି ତିନି ଜଣ ଖେଳାଳି ଚଳିତ ଆଇପିଏଲରେ ପଞ୍ଜାବ କିଙ୍ଗସର ଅଂଶ ଥିଲେ। ଗତ ସିଜିନରେ ପଞ୍ଜାବ ଉପବିଜେତା ରହିଥିଲା । ଏଥର ଭଲ ଆରମ୍ଭ କରି ବି ଶେଷ ଆଡ଼କୁ ଗ୍ରୁପ୍ ପର୍ଯ୍ୟାୟରୁ ବାଦ ପଡ଼ିଛି। ଏବେ ପ୍ରଶ୍ନ ହେଉଛି, ଯୁବରାଜ ସିଂହ କେବେ ତିନି ଜଣ ଖେଳାଳିଙ୍କୁ ତାଙ୍କ ଚପଲରେ ମାରିବା ବିଷୟରେ କହିଥିଲେ ? ଏହା ସେତେବେଳେ ଘଟିଥିଲା ଯେତେ ବେଳେ ହରପ୍ରୀତ ବ୍ରାର ପ୍ରିୟାଂଶ ଆର୍ଯ୍ୟ ଏବଂ ଅର୍ଶଦୀପ ସିଂହଙ୍କ ଫଟୋ ସେୟାର କରିଥିଲେ। ହରପ୍ରୀତ ପ୍ରିୟାଂଶଙ୍କୁ ଜଣେ ସ୍ଲୋଗର ଏବଂ ଅର୍ଶଦୀପଙ୍କୁ ଜଣେ ବ୍ଲଗର ବୋଲି ବର୍ଣ୍ଣନା କରିଥିଲେ। ଯୁବରାଜ ସିଂହ ସେହି ଫଟୋ ଉପରେ ମନ୍ତବ୍ୟ ଦେଇ ଲେଖିଛନ୍ତି, 'ତୁମ ସମସ୍ତଙ୍କୁ ଚପଲରେ ମାରିବାର ସମୟ ଆସିଛି। ଆଇପିଏଲ ୨୦୨୬ରେ ୩ ଖେଳାଳିଙ୍କ ପ୍ରଦର୍ଶନ- ଏହି ଖେଳାଳିଙ୍କ ଦଳ ପଞ୍ଜାବ କିଙ୍ଗସ୍ ପ୍ଲେଅଫରେ ପହଞ୍ଚିପାରି ନାହିଁ। ସେମାନଙ୍କ ପ୍ରଦର୍ଶନ କଥା କହିବାକୁ ଗଲେ କେବଳ ପ୍ରିୟାଂଶ ଆର୍ଯ୍ୟଙ୍କ ପ୍ରଦର୍ଶନ କିଛିଟା ଭଲ ରହିଥିଲା। ପ୍ରିୟାଂଶ ଆର୍ଯ୍ୟ ୧୩ଟିରେ ୨୧୧ରୁ ଅଧିକ ଷ୍ଟ୍ରାଇକ୍ ରେଟରେ ୩୬୪ରନ୍ କରିଛନ୍ତି। ଅର୍ଶଦୀପ ସିଂହ ୧୪ ମ୍ୟାଚରେ ମାତ୍ର ୧୪ ୱିକେଟ୍ ନେଇଛନ୍ତି।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ